Visit our website: sssoochanaenewspaper.in

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା
SHREE SHRIKSHETRA SOOCHANA

ଶ୍ରୀ ରଥଯାତ୍ରା
ସ୍ୱତନ୍ତ୍ର ବିଶେଷାଙ୍କ -୨୦୨୫
Pabitra Rath Yatra Special Edition - 2025

Postal Registration No.: PURI/45/2025-27 RNI Registration No.: ODIBIL/2021/81452

VOL - 4 ❖ ISSUE - VII ❖ JULY 2025 ❖ PURI ❖ PAGE - 8 ❖ Rs. 10.00
ଚତୁର୍ଥ ବର୍ଷ ❖ ସପ୍ତମ ସଂଖ୍ୟା ❖ ଜୁଲାଇ ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦



## ସମ୍ପାଦକୀୟ

### ଆତ୍ମନିର୍ଭର ଭାରତ: ପ୍ରତିରକ୍ଷା କ୍ଷେତ୍ରରେ ଏକ ଦୃଢ଼ ପଦଚିହ୍ନ



ପ୍ରତିରକ୍ଷା ଏକ ଜାତିର ସ୍ୱାଭିମାନ, ସୁରକ୍ଷା ଓ ସାର୍ବଭୌମତ୍ୱର ପ୍ରତୀକ। ଭାରତ ବର୍ଷ ଏକ ଦୀର୍ଘ ସମୟଧରି ପ୍ରତିରକ୍ଷା ଉପକରଣ ଓ ଅସ୍ତ୍ରଶସ୍ତ୍ର ନିମିତ୍ତେ ବିଦେଶୀ ନିର୍ଭରଶୀଳ ଥିଲେ ବି, ବର୍ତ୍ତମାନ ଅତ୍ମନିର୍ଭରତା ନିମନ୍ତେ ଏକ ଦୃଢ଼ ପଦକ୍ଷେପ ନେଇଛି। ମୋଦି ସରକାର ତରଫରୁ ଶୁଭାରମ୍ଭ ହୋଇଥିବା 'ଅତ୍ମନିର୍ଭର ଭାରତ' ଅଭିଯାନ ଅନ୍ତର୍ଗତରେ ପ୍ରତିରକ୍ଷା ଶିଳ୍ପକୁ ଦେଶରେ ଉନ୍ମୁକ୍ତ କରାଯାଇଛି। ଏହି ଅଭିଯାନ ଅନୁସାରେ ଦେଶ ନିଜ ଆବଶ୍ୟକତା ଅନୁଯାୟୀ ଅସ୍ତ୍ର-ଶସ୍ତ୍ର, ବିମାନ, ଯୁଦ୍ଧଜାହାଜ, ଟ୍ୟାଙ୍କ୍, ଡ୍ରୋନ୍, ମିସାଇଲ ଇତ୍ୟାଦି ଉତ୍ପାଦନରେ ସ୍ୱାବଲମ୍ବୀ ହେବାକୁ ପ୍ରୟାସରତ। ଏହି ଲକ୍ଷ୍ୟ ସାଧନ ପାଇଁ ପ୍ରତିରକ୍ଷା ଗଠନା ତାଲିକାରୁ ଅନେକ ବିଦେଶୀ ବସ୍ତୁକୁ ବାହାର କରାଯାଇଛି ଓ ଦେଶୀ ଉତ୍ପାଦକଙ୍କୁ ଉତ୍ସାହିତ କରାଯାଇଛି। ପ୍ରତିରକ୍ଷା ଶିଳ୍ପ ଓ ଗବେଷଣାରେ ଓଡ଼ିଶା ବିଶେଷ ପରିଚୟ ଅର୍ଜନ କରିଛି। ଚନ୍ଦିପୁର ରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ) ତରଫରୁ ଅନେକ ଗୁରୁତ୍ୱପୂର୍ଣ୍ଣ ମିସାଇଲ ପରୀକ୍ଷା ହୋଇଛି, ଯାହା ଦେଶର ପ୍ରତିରକ୍ଷା କ୍ଷମତାକୁ ବୃଦ୍ଧି କରିଛି। ଅଗ୍ନି, ପ୍ରଥମା, ନିର୍ଭୟ, ଅକାଶ ମିସାଇଲ ପରୀକ୍ଷା ପାଇଁ ବିଶ୍ୱର ନଜର ବର୍ତ୍ତମାନ ଓଡ଼ିଶା ରୂପେ ରହିଛି। ଅତ୍ମନିର୍ଭର ପ୍ରତିରକ୍ଷା ନୀତି ଓଡ଼ିଶାର ଯୁବ ପିଢ଼ି ପାଇଁ ଅନେକ ଅବସର ନେଇଆସିଛି। ଇଞ୍ଜିନିୟରିଂ କଲେଜ, ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ, ଷ୍ଟାର୍ଟଅପ୍ ଓ ନୂତନ ନୂତନ ଉଦ୍ୟମୀ ମାନେ ଏହି କ୍ଷେତ୍ରରେ ନିଜ ସ୍ଥାନ ଗଢ଼ିପାରିବେ। ଅପରେସନ୍ ସିନ୍ଦୂର ଓ ପ୍ରତିରକ୍ଷା ରେ ଅତ୍ମନିର୍ଭର ଭାରତ: ଏକ ଦୃଢ଼ ପାଦଚିହ୍ନ ଭାରତର ସ୍ୱାଭିମାନ, ନୀତିଗତ ଦୃଢତା ଓ ପ୍ରତିରକ୍ଷା କ୍ଷମତାର ଏକ ଉଦ୍ଦୀପକ ପ୍ରତିଛବି ହେଉଛି ଅପରେସନ୍ ସିନ୍ଦୂର। ଏହି ସୈନିକ କାର୍ଯ୍ୟାନୁଷ୍ଠାନ କେବଳ ପାକିସ୍ତାନର ଆତଙ୍କବାଦୀ ଡାଞ୍ଚାକୁ ଉଚିତ ପାଠ ଦେଇନାହିଁ, ବରଂ ଏହି ଅଭିଯାନ ଭାରତର ଅତ୍ମନିର୍ଭର ପ୍ରତିରକ୍ଷା ଶକ୍ତିର ଜୀବନ୍ତ ଦେଖଣା ହୋଇ ଉଭୟ ଦେଶୀ ଓ ବିଦେଶୀ ମଞ୍ଚରେ ସ୍ଥାନ ପାଇଛି। ଅପରେସନ୍ ସିନ୍ଦୂର ଅନ୍ତର୍ଗତରେ ଅନେକ ଦେଶୀ ଡିଫେନ୍ସ ପ୍ରୋଜେକ୍ଟ ଏବଂ ଉପକରଣ ନିଷ୍ପାଦନର ଯୋଗ ମାଧ୍ୟମରେ ଆମେ ସ୍ପଷ୍ଟ କରିଛୁ । ଭାରତ ଏବେ ବିଦେଶୀ ନିର୍ଭରତାକୁ ଛାଡ଼ି ସ୍ୱାବଲମ୍ବୀ ରାଷ୍ଟ୍ର ଭାବରେ ଉଭୟ ରକ୍ଷା ଓ ପ୍ରତିରକ୍ଷା ରେ ନିଜ ପାଦ ଗଢ଼ିଛି। ଆକାଶ ଏୟାର ଡିଫେନ୍ସ ସିଷ୍ଟମ୍: ଏହି ସ୍ୱଦେଶୀ ସରଫେସ-ଟୁ-ଏୟାର ମିସାଇଲ ନିଯୁକ୍ତ ଯନ୍ତ୍ରଣା ଅପରେସନ୍ ସିନ୍ଦୂରରେ ଉତ୍ତମ ପ୍ରଦର୍ଶନ କରିଥିଲା ଓ ଭାରତର ଏକ ଅନ୍ୟତମ ପ୍ରାଥମିକ ରକ୍ଷା ପରିକଳ୍ପନା ଅଂଶ ହେବାକୁ ସକ୍ଷମ ହୋଇଛି। IACCS (Integrated Air Command and Control System): ଏହି ନେଟସେଣ୍ଟ୍ରିକ୍ ସିଷ୍ଟମ୍ ଦ୍ୱାରା ସମସ୍ତ ଏୟାର ଡିଫେନ୍ସ ଉପକରଣ ଏକତ୍ରିତ ହୋଇ ଯୁଦ୍ଧ କ୍ଷେତ୍ରରେ ଏକ ଯୁକ୍ତିପୂର୍ଣ୍ଣ ଓ ସମୟ ଉପଯୁକ୍ତ ସମନ୍ୱୟ ଦେଉଛି। ଆକାଶତୀର: ଏହି ସିଷ୍ଟମ୍ ଏବଂ IACCS ମିଶି ସ୍ଥଳସେନା ଓ ଆକାଶ ରକ୍ଷାରେ ଦ୍ରୁତ ପ୍ରତିକ୍ରିୟା ଦେଇଥିଲେ। D4 (Drone Detect, Deter, Destroy) System: ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱଦେଶୀ ଡ୍ରୋନ୍ ବିରୋଧୀ ବ୍ୟବସ୍ଥା ପାକିସ୍ତାନ ଦ୍ୱାରା ଆସୁଥିବା ବାଲିଷ୍ଟିକ୍ ଡ୍ରୋନ୍ ଓ ଟଉଇଠ ଅଟ୍ୟାକ୍କୁ ବିଫଳ କରିଥିଲା। Loitering Munitions/Drones: ସ୍ୱଦେଶୀ ଡ୍ରୋନ୍ ଓ ମୁନିସନ୍ ମାଧ୍ୟମରେ ମାରାତ୍ମକ ଓ ସଠିକ୍ ଆକ୍ରମଣ ସଫଳ ହୋଇଥିଲା। BrahMos Missile (Indian Variant): ରୁଷ ଏବଂ ଭାରତ ମିଳିତ ଉତ୍ପାଦିତ ଏହି ମିସାଇଲ୍କୁ Su-30 MKI ବିମାନରୁ ଲଞ୍ଚ କରି ସଠିକ୍ ନିଶାନା ବନ୍ଧିଥିଲା। Sudarshan Laser-Guided Bomb (LGB): DRDO ଦ୍ୱାରା ବିକାଶିତ ଏହି ବମ୍ ଅତ୍ୟଧିକ ସଠିକ୍ ଥିଲା। ଯଦିଓ ଏହାର ବ୍ୟବହାର ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇନାହିଁ, ତଥାପି ଅନେକ ସ୍ୱଦେଶୀ ମୁନିସନ୍ ମଧ୍ୟରେ ଏହି LGB ସମ୍ଭବତଃ ଅଂଶ ହୋଇଥିବ। Smart Anti-Airfield (ପୃଷ୍ଠା-୭କୁ)

(ରାଜେଶ କୁମାର ମହାନ୍ତି)

## ସଂସଦରେ 'ଅପରେସନ୍ ସିନ୍ଦୂର' ଆଲୋଚନା

# ହିନ୍ଦୁ କେବେ ଆତଙ୍କୀ ହୋଇପାରିବନି



### ଆମେ ଫେରାଇ ଆଣିବୁ ପିଓକେ

**ନୂଆଦିଲ୍ଲୀ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ରାଜ୍ୟସଭାରେ 'ଅପରେସନ୍ ସିନ୍ଦୂର' ଉପରେ ସ୍ୱତନ୍ତ୍ର ଆଲୋଚନାରେ ଭାଗ ନେଇ ପିଓକେ(ପାକ୍ ଅଧିକୃତ କାଶ୍ମୀର) ଫେରାଇ ଆଣିବାର ପ୍ରତିଶ୍ରୁତି ଦେଇଛନ୍ତି ଏବଂ କଂଗ୍ରେସ ସମେତ ବିରୋଧୀ ଦଳମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ କଡ଼ା ଜବାବ ଦେଇଛନ୍ତି। ଶାହ କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ମତେ ଅନେକ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ନିକଟରୁ ଫୋନ୍ ଆସିଥିଲା। ଆକ୍ରମଣକାରୀଙ୍କ ମୁଣ୍ଡକୁ ଗୁଳିକରି ମାରିବାପାଇଁ ସେମାନେ ଅନୁରୋଧ କରିଥିଲେ। ଏବେ ସଂଯୋଗ ଦେଖନ୍ତୁ, ଆମ ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କୁ ମୁଣ୍ଡକୁ ଗୁଳିକରି ନିପାତ କରିଛନ୍ତି। ଶାହ କହିଛନ୍ତି, ଅପରେସନ୍ ମହାଦେବରେ ନିପାତ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣର ସମସ୍ତ ୩ ଆତଙ୍କବାଦୀଙ୍କ ମୁଣ୍ଡକୁ ଗୁଳି କରାଯାଇଛି। ଶାହ କହିଛନ୍ତି, ମୁଁ ଏକ କଡ଼ା ବାର୍ତ୍ତା ଦେବାକୁ ଚାହୁଛି ଯେ କାଶ୍ମୀର ଆତଙ୍କବାଦ ମୁକ୍ତ ହେବ। ତେବେ ଶାହ ଭାଷଣ ଦେଉଥିବାବେଳେ ବିରୋଧୀ ଦଳ ନେତାମାନେ ଗୃହରେ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ଉପସ୍ଥିତ ନାହାନ୍ତି କହି ହୋହଲ୍ଲା କରିଥିଲେ ଏବଂ କକ୍ଷତ୍ୟାଗ କରି ଶାହଙ୍କ ଜବାବ ଶୁଣିନଥିଲେ। ଶାହ ଏଥିପାଇଁ କଂଗ୍ରେସ ଦଳକୁ କଟାକ୍ଷ କରି କହିଥିଲେ ଯେ କଂଗ୍ରେସ ପାକିସ୍ତାନକୁ ପିଓକେ ଦେଇ ଦେଇଛି, କିନ୍ତୁ ବିଜେପି ପିଓକେକୁ ଫେରାଇ ଆଣିବ। ଆତଙ୍କବାଦୀଙ୍କୁ ଅଟକାଇବା ପାଇଁ ପୂର୍ବରୁ କଂଗ୍ରେସ ସରକାର କିଛି କରିନଥିବା ବେଳେ ଏବେ ଏନ୍‌ଡିଏ ସରକାର ଏ ଦିଗରେ ଶୂନ୍ୟ ସହନଶୀଳ ନୀତିରେ ଆଗକୁ ବଢୁଛି ବୋଲି ଶାହ କହିଥିଲେ ।

# ଭାରତକୁ ଟ୍ରମ୍ପଙ୍କ ଶୁଳ୍କ ବୋମା

## ୨୫% କୁ ବଢ଼ାଇଲା ରପ୍ତାନି ଟାରିଫ୍

**ୱାଶିଂଟନ/ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଶୁଳ୍କ ବୋମା ପକାଇଛନ୍ତି। ସେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଏହି ଶୁଳ୍କ ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହେବ। ପୂର୍ବରୁ, ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା। କିନ୍ତୁ କିଛି କାରଣ ଯୋଗୁ ଏହି ଚୁକ୍ତି ହୋଇପାରିଲା ନାହିଁ। ଭାରତ ଉପରେ ଶୁଳ୍କ ଲଗାଇବାର କାରଣ ରୁଷିଆ ସହିତ ଶକ୍ତି ଏବଂ ସାମରିକ ଚୁକ୍ତି ବୋଲି ମଧ୍ୟ ଅନୁମାନ କରାଯାଉଛି। ଭାରତ ରୁଷିଆଠାରୁ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ଜରିମାନା ବାବଦରେ ଶୁଳ୍କ ଲାଗୁ କରାଯାଇଥିବା ଚର୍ଚ୍ଚା ହେଉଛି। ଟ୍ରମ୍ପ୍ କହିଛନ୍ତି ଯେ, ଭାରତ ରୁଷିଆ ଠାରୁ ତେଲ ଏବଂ ଅସ୍ତ୍ରଶସ୍ତ୍ର କିଣୁଛି। ତେଣୁ ଏହି ପଦକ୍ଷେପ ଆବଶ୍ୟକ। ଟ୍ରମ୍ପ୍ କହିଛନ୍ତି, ଭାରତ ବହୁତ ଅଧିକ ଟିକସ ଲଗାଏ। ଭାରତୀୟ ଶୁଳ୍କ ବାଣିଜ୍ୟରେ ଅନେକ ଅସୁବିଧା ମଧ୍ୟ ସୃଷ୍ଟି କରିଥାଏ। ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ, ରୁଷିଆ ଠାରୁ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଭାରତକୁ ଅତିରିକ୍ତ ଦଣ୍ଡ ମଧ୍ୟ ଦେବାକୁ ପଡିବ । ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଲେଖିଛନ୍ତି, ମନେରଖ, ଭାରତ ଆମର ବନ୍ଧୁ। କିନ୍ତୁ, ବର୍ଷ ବର୍ଷ ଧରି ଆମେ ସେମାନଙ୍କ ସହିତ ବହୁତ କମ୍ ବାଣିଜ୍ୟ



କରିଛୁ। କାରଣ ସେମାନଙ୍କର ଶୁଳ୍କ ବହୁତ ଅଧିକ, ବିଶ୍ୱରେ ସର୍ବାଧିକ। ଭାରତର ଯେକୌଣସି ଦେଶ ତୁଳନାରେ ସବୁଠାରୁ କଷ୍ଟକର ଏବଂ ଖରାପ ଅଣ-ଆର୍ଥିକ ବାଣିଜ୍ୟ ବାଧା ଅଛି। ଏହାର ଅର୍ଥ ହେଉଛି ଭାରତରେ ବ୍ୟବସାୟ କରିବା ବହୁତ କଷ୍ଟକର। ଟ୍ରମ୍ପ୍ କହିଛନ୍ତି, ଭାରତ ସବୁବେଳେ ନିଜର ଅଧିକାଂଶ ସାମରିକ ଉପକରଣ ରୁଷିଆଠାରୁ କିଣୁଛି । ଚୀନ୍ ପରେ ଭାରତ ରୁଷିଆର ସବୁଠାରୁ ବଡ଼ ଶକ୍ତି କ୍ରେତା। ଯେତେବେଳେ ସମସ୍ତେ ଚାହାନ୍ତି ଯେ, ରୁଷିଆ ୟୁକ୍ରେନରେ ହତ୍ୟା ବନ୍ଦ କରୁ। ଏହା ଭଲ କାର୍ଯ୍ୟ ନୁହେଁ। ତେଣୁ ଭାରତକୁ ଅଗଷ୍ଟ ।ରୁ ୨୫% ଶୁଳ୍କ ଦେବାକୁ ପଡିବ। ଭାରତ ପାଇଁ ଏହା ଏକ ଦଣ୍ଡ ମଧ୍ୟ ହେବ। ଏହି ବିଷୟ ପ୍ରତି ଧ୍ୟାନ ଦେବା ପାଇଁ ଧନ୍ୟବାଦ। ଆମେରିକାକୁ ପୁଣି (ପୃଷ୍ଠା-୭କୁ)

### ଦାଉ ସାଧିଲେ ଟ୍ରମ୍ପ: ଭାରତ

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରି ୨୫ ପ୍ରତିଶତ ଶୁଳ୍କ (ଟାରିଫ୍) ଲଗାଇଛନ୍ତି। ଆସନ୍ତା ଅଗଷ୍ଟ ୧ରୁ ତାହା ଲାଗୁ କରାଯିବ ବୋଲି ସେ ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ, ରୁଷ୍ ସହ ସମ୍ପର୍କ ରଖିଥିବାରୁ ଭାରତକୁ ଅତିରିକ୍ତ ଜରିମାନା ଦଣ୍ଡ ମଧ୍ୟ ଦିଆଯାଇଛି। ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ପାଇଁ ଆଗାମୀ ଦିନରେ ଆମେରିକାକୁ ଭାରତର ରପ୍ତାନି ଗୁରୁତର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଟ୍ରମ୍ପଙ୍କ ଶୁଳ୍କ ଉପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପ୍ରତିକ୍ରିୟା ଦେଇ କହିଛି ଯେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଉପରେ ଆମେରିକା ରାଷ୍ଟ୍ରପତିଙ୍କ ବୟାନର ପ୍ରଭାବକୁ ସରକାର ଅନୁଧ୍ୟାନ କରୁଛନ୍ତି। ଏକ ଉଚିତ, ସନ୍ତୁଳିତ ଓ ଉଭୟ ପକ୍ଷ ପାଇଁ ଲାଭଦାୟକ ଦ୍ୱିପାକ୍ଷିକ ରାଜିନାମା ଲାଗି ଭାରତ ଓ ଆମେରିକା କିଛି ମାସ (ପୃଷ୍ଠା-୭କୁ)

## ୧୭ ବର୍ଷ ପରେ ଆସିଲା ମାଲେଗାଓଁ ରାୟ

### ସମସ୍ତ ଅଭିଯୁକ୍ତ ଦୋଷମୁକ୍ତ



ମୁମ୍ବାଇ: ମାଲେଗାଓଁ ବିସ୍ଫୋରଣ ମାମଲାରେ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଖବର । ୧୭ ବର୍ଷ ପରେ ଆସିଲା ମାଲେଗାଓଁ ରାୟ । ମାମଲାର ସମସ୍ତ ଅଭିଯୁକ୍ତ ଦୋଷମୁକ୍ତ । ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ କହିଲେ କୋର୍ଟ । ମାଲେଗାଓଁ ମାମଲାରେ ରାୟ ଶୁଣାଇଲେ ସ୍ୱତନ୍ତ୍ର ଏନଆଇଏ କୋର୍ଟ । ତେବେ ଏହି ରାୟ ସହ ମାଲେଗାଓଁ ବିସ୍ଫୋରଣ ମାମଲାରେ ସ୍ୱାଧ୍ୱୀ ପ୍ରଜ୍ଞା ଠାକୁର, କର୍ଣ୍ଣେଲ ପୁରୋହିତଙ୍କ ସମେତ ୭ ଅଭିଯୁକ୍ତ ଦୋଷମୁକ୍ତ । କୋର୍ଟ କହିଲେ- କର୍ଣ୍ଣେଲ ବୋମା ଆଣିଥିବା ନେଇ ପ୍ରମାଣ ନାହିଁ । ସେ ବାଇକରେ ବୋମା ଲଗାଇଥିବାର କୌଣସି ପ୍ରମାଣ ନାହିଁ । କୌଣସି ବି ପ୍ରମାଣ ବିଶ୍ୱସନୀୟ ନୁହେଁ । ଘଟଣାସ୍ଥଳରେ ବ୍ୟାରିକେଡ୍ କରାଯାଇନଥିଲା ତେଣୁ କୌଣସି ନିଷ୍କର୍ଷ ବାହାରି ପାରିଲାନି । ବାଇକର ଚେଚିସ୍ ନମ୍ବର ଉଡାଇ ଦିଆଯାଇଥିଲା ଯାହାକୁ ରିଷ୍ଟୋର କରାଯାଇପାରିଲା ନାହିଁ । ତେଣୁ ଏହା କୁହାଯାଇ ନପାରେ କି ତାହା ସ୍ୱାଧ୍ୱୀ ପ୍ରଜ୍ଞାଙ୍କ ବାଇକ ବୋଲି । କୋର୍ଟଙ୍କ ଠାରୁ କ୍ଲିନ୍ ଚିଟ୍ ମିଳିବା ପରେ ଆଶ୍ୱସ୍ତ ହୋଇଛନ୍ତି ସମସ୍ତ ଅଭିଯୁକ୍ତ। ତେବେ ୨୯ ସେପଟ୍ମେର ୨୦୦୮ରେ ହୋଇଥିଲା ମାଲେଗାଓଁ ବିସ୍ଫୋରଣ ।

## ବଳଙ୍ଗା ପୀଡ଼ିତାଙ୍କର ଦିଲ୍ଲୀ ଏମ୍ସରେ ବୟାନ୍ ରେକର୍ଡ କରିଛି ପୁରୀ ପୁଲିସ

**ପୁରୀ:** ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କର ଦିଲ୍ଲୀ ଏମ୍ସରେ ବୟାନ୍ ରେକର୍ଡ କରିଛି ପୁରୀ ପୁଲିସ। କେସ୍ ର ତଦନ୍ତକାରୀ ଅଧିକାରୀଙ୍କ ସହ ବଳଙ୍ଗା ଥାନା ଅଧିକାରୀ ଏବଂ ଜଣେ ମହିଳା ଡିଏସପି ପୀଡ଼ିତାର ବୟାନ ରେକର୍ଡ କରିଛନ୍ତି। ତେବେ ଦିଲ୍ଲୀର ସ୍ଥାନୀୟ କୋର୍ଟଙ୍କ ନିର୍ଦ୍ଦେଶରେ ଜଣେ ମାଜିଷ୍ଟ୍ରେଟ୍ ଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯିବ। ଏହାପରେ ସମଗ୍ର ଘଟଣା ପଛର କାରଣ ବିଷୟରେ ପୁଲିସ ପକ୍ଷରୁ ସାର୍ବଜନୀନ କରାଯିବ ବୋଲି ପୁରୀ ଏସପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କର ଦିଲ୍ଲୀ ଏମ୍ସରେ ବୟାନ୍ ରେକର୍ଡ କରିଛି ପୁରୀ ପୁଲିସ। କେସ୍ ର ତଦନ୍ତକାରୀ ଅଧିକାରୀଙ୍କ ସହ ବଳଙ୍ଗା ଥାନା ଅଧିକାରୀ ଏବଂ ଜଣେ ମହିଳା ଡିଏସପି ପୀଡ଼ିତାର ବୟାନ ରେକର୍ଡ କରିଛନ୍ତି। ତେବେ ଦିଲ୍ଲୀର ସ୍ଥାନୀୟ କୋର୍ଟଙ୍କ ନିର୍ଦ୍ଦେଶରେ ଜଣେ ମାଜିଷ୍ଟ୍ରେଟ୍ ଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯିବ। ଏହାପରେ ସମଗ୍ର ଘଟଣା ପଛର କାରଣ ବିଷୟରେ ପୁଲିସ ପକ୍ଷରୁ ସାର୍ବଜନୀନ କରାଯିବ ବୋଲି ପୁରୀ ଏସପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, (ପୃଷ୍ଠା-୭କୁ)



## ବନ୍ୟା କ୍ଷୟକ୍ଷତି ରିପୋର୍ଟ ମାଗିଲେ ସରକାର

# ଆକାଶମାର୍ଗରୁ ବନ୍ୟା ଦେଖିଲେ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଆକାଶ ମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ୍ କମିସନର ଦେଓରଞ୍ଜନ କୁମାର ସିଂହ ମଧ୍ୟ ଉପସ୍ଥିତ ଥିଲେ। ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ ୩ଟି ଜିଲ୍ଲାର ୮ଟି ବ୍ଲକ୍‌ର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱରର ୪ଟି ବ୍ଲକ୍ ଯଥା ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର, ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ, ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହୋଇଛି। ବନ୍ୟା ଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବନ୍ୟା ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ। ଘରଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ ଗାଁଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି ସେଗୁଡ଼ିକୁ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନସ୍ଥାପିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ (ପୃଷ୍ଠା-୭କୁ)







# ଜିଲ୍ଲାର ସମୀକ୍ଷା କଲେ ନୂତନ ଜିଲ୍ଲାପାଳ



**ପୁରୀ:** କାର୍ଯ୍ୟରେ ଯୋଗ ଦାନ ପରେ ପୁରୀ ଜିଲ୍ଲାର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ।ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀ, ତହସିଲଦାର ,ବିଡିଓ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କ ସହ ଆଲୋଚନା କରି ଜିଲ୍ଲାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ଜିଲ୍ଲାପାଳ ଶ୍ରୀ ପରିଡା । ବିଶେଷ କରି ମେଗା ପ୍ରକଳ୍ପ, ଉନ୍ନୟନ ମୂଳକ କାର୍ଯ୍ୟ, ଜନ ହିତକାରୀ ଯୋଜନା ଗୁଡିକ ର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ବର୍ତ୍ତମାନ ବର୍ଷା ଋତୁ ।ତେଣୁ ଯେଉଁ ଅଞ୍ଚଳ ଗୁଡିକ ଜଳ ପ୍ଲାବିତ ହେବାର ସମ୍ଭାବନା ରହିଛି ତାହା ପାଇଁ ପ୍ରସ୍ତୁତ ରହିବା, ପ୍ରସ୍ତୁତ ହୋଇ ରହିଥିବା ଆଶ୍ରୟ ସ୍ଥଳ ଗୁଡିକ ର ପୁନଃ ନିରୀକ୍ଷଣ ସହ ସମସ୍ତ ବ୍ୟବସ୍ଥା କୁ ସୁନିଶ୍ଚିତ କରିବା, ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ, ଔଷଧ ବିଶେଷ କରି ସାପ କାମୁଡ଼ାର ଅଧିକ ଆଶଙ୍କା ଥିବାରୁ ଆଣ୍ଟି ଭେନମ ଔଷଧ ମହଯୁଦ ରଖିବା, ସହରାଞ୍ଚଳରେ ଯେଉଁ ଠାରେ ଜଳ ବନ୍ଦିର ଆଶଙ୍କା ରହୁଛି ସେଠାରେ ଜଳ ନିଷ୍କାସନ ପାଇଁ ପମ୍ପ ସେଟର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ପ୍ରମୁଖ ଯୋଗ ଦେଇ ସେମାନଙ୍କ ଅଞ୍ଚଳ ଓ ବିଭାଗର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ।

# ମହିଳା ଓ ଶିଶୁ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

**ପୁରୀ:** ପୁରୀ ଜିଲ୍ଲା ପ୍ରଶାସନ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଆଜି ସମସ୍ତ ୨୫୯୯ ଅଙ୍ଗନବାଡି କେନ୍ଦ୍ର ରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା, ବେଟୀ ବଚାଓ ବେଟୀ ପଢାଓ ର ଆହ୍ୱାନ ଦେଇ ଏହି ଶୋଭାଯାତ୍ରା ସମସ୍ତ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲା ।ଜିଲ୍ଲା ସ୍ତରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଓ ଅନ୍ୟ ଅଧିକାରୀ ମାନେ ଏହାର ପରିଚାଳନା କରିଥିଲେ । ସମାଜ ରେ ଝିଅ ଓ ପୁଅ ଉଭୟଙ୍କ ର ଅବଦାନ ରହିଛି । ଝିଅ କୁ ଉପଯୁକ୍ତ ଭାବେ ସୁରକ୍ଷା ଦେଲେ ଓ ପଢାଇଲେ ସେ ମଧ୍ୟ ସମାଜରେ ଜଣେ ଜଣେ ସମ୍ବଳ ହୋଇ ଉଭା




ହେବେ ।ତେଣୁ ପ୍ରତ୍ୟେକ ବ୍ୟକ୍ତି ଙ୍କୁ ଶିଶୁ ବିଶେଷ କରି ଝିଅ ମାନଙ୍କ ସୁରକ୍ଷା ଲକ୍ଷ୍ୟ ରେ ସଚେତନ କରାଇବା ଏହି ଶୋଭାଯାତ୍ରା ର ଉଦ୍ଦେଶ୍ୟ ବୋଲି ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବେଉରା ସୂଚନା ଦେଇଥିଲେ । ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟ ରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳା ମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧,ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଏମରଜେନ୍ସି ନମ୍ବର ୧୧୨ ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସୂଚନା ଦିଆଯାଇଥିଲା । ଅପରପକ୍ଷରେ ସମସ୍ୟା ପାଇଁ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କ ରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା ।

# ଅଣ ସଂକ୍ରାମକ ରୋଗ ଚିହ୍ନଟ ଶିବିର



**ପୁରୀ:** ସ୍ୱର୍ଗଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ହାତୀଶାଳ ଅଙ୍ଗନବାଡ଼ି କେନ୍ଦ୍ରରେ ଅଣ ସଂକ୍ରାମକ ରୋଗ ଚିହ୍ନଟ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମକୁ ଚିକିତ୍ସା ଅଧିକାରୀ ଡକ୍ଟର ବସନ୍ତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ଫାର୍ମାସୀ ଅଧିକାରୀ ସୁଶାନ୍ତ କୁମାର ଦାସ, ଲାବୋରେଟୋରୀ ଟେକ୍ନିସିଆନ୍ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ନର୍ସିଂ ଅଧିକାରୀ ଶୁଭଲକ୍ଷ୍ମୀ ବାରିକ ଓ ମିଲି ଦଳାଇ, ମହିଳା ସ୍ୱାସ୍ଥ୍ୟ କର୍ମୀ ମଞ୍ଜୁ ଦାସ, ଆଶା କର୍ମୀ ନର୍ମଦା ମହାକୁଡ଼ ଓ ଅନ୍ୟାନ୍ୟ ଷ୍ଟାଫ୍ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ୫୨ ଜଣ ରୋଗି ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । ଉଚ୍ଚରକ୍ତଚାପ, ମଧୁମେହ, ମୁଖ ଗହ୍ୱର କର୍କଟ ସମ୍ବଧୀୟ ରୋଗ ର ଚିକିତ୍ସା ପ୍ରଦାନ କରାଯାଇଥିଲା । ତତ୍ ସହିତ ଲୋକ ମାନଙ୍କୁ ସୁସ୍ଥ ଜୀବନ ନିମନ୍ତେ ରୋଗର ଗୁରୁତ୍ୱ ବିଷୟରେ ବାର୍ତ୍ତା ପ୍ରେରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜଣ ସ୍ୱାସ୍ଥ୍ୟ ପରିଚାଳକ ପ୍ରଦୀପ କୁମାର ବରାଳ ସୁଚାର ରୂପେ ପରିଚାଳନା କରିଥିଲେ ।



ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପୁରୀ ପକ୍ଷରୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କ୍ରିଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ତଥା କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସଂପାଦକ ରାଜେଶ କୁମାର ମହାନ୍ତି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୭୭ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୫୩ ଗୋଟି ବ୍ୟକ୍ତି ଗତ, ୨୦ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୪ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୨ ଗୋଟି ର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ ପି ସୌମ୍ୟ ରଞ୍ଜନ ମଲ୍ଲିକ, କୃଷ୍ଣ ପସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା, ଭାରପ୍ରାପ୍ତ ତହସିଲଦାର ବିକାଶ ସେଠୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଅଗଷ୍ଟ ମାସ ୪ ତାରିଖରେ ଜିଲ୍ଲା ସଦର ମହକୁମା ଠାରେ, ୧୧ତାରିଖରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ, ୧୮ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ ।



# ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ



**ପୁରୀ:** ପୁରୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏକ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ ଗୋଟି ୧୩୮ ଏନ୍‌ଆଇ ଆକ୍ଟ ସମ୍ବନ୍ଧିୟ ମକଦମା ଫୈସଲା କରାଯାଇଛି । ଏହିଜିଲ୍ଲା ସ୍ତରୀୟ ଲୋକ ଅଦାଲତାରେ ପତିତପାବନ ପଣ୍ଡା, ଏସ୍‌ଡିଜେଏମ୍ ପୁରୀ, ରିତିକା ଗର୍ଗ, ଏସ୍ ମହାପାତ୍ର, ଅନିମେଶ ଜେନା, ସୋନାଲି ମହାନ୍ତି, ନ୍ୟାୟାଧିକାରୀ, ଗ୍ରାମ୍ୟାଧିକାରୀ, ପୁରୀ ମାମଲାଗୁଡ଼ିକର ଫୈସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଅଦାଲତକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ ।

# ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ

**ପୁରୀ:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ର ପତ୍ର ସଂଖ୍ୟା ୧୨୩୩୧ ତା ୧୬/୭/୨୫ରିଖ ଅନୁଯାୟୀ ଆସନ୍ତା ଖରିଫ ବିପଣନ ବର୍ଷ ୨୦୨୫-୨୬ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତା ୧୯/୭/୨୫ ରିଖ ଠାରୁ ଆରମ୍ଭ ହୋଇ ତା ୨୦/୮/୨୫ ରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ଜଣାଇ ଦିଆଯାଉଛି କି ଏ ବର୍ଷ ଚାଷୀ ପଞ୍ଜିକରଣ ସମ୍ପୂର୍ଣ୍ଣ ନୂତନ ଭାବେ କରାଯିବ ଓ ପୂର୍ବ ବର୍ଷର ନବୀକରଣ କରାଯିବ ନାହିଁ । ଏହି ପ୍ରକ୍ରିୟାରେ ଚାଷୀ ଭାଇଭଉଣୀ ମାନଙ୍କର ଇ-କେୱାଇସୀ ତଥା ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ । ତେଣୁ ସମସ୍ତଙ୍କୁ ଜଣାଇ ଦିଆଯାଉଛି କି ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ବ୍ୟାଙ୍କ ଖାତାର ଆଧାର ସଂଯୋଗୀକରଣ କରି ଚାଷୀ ପଞ୍ଜିକରଣ କରାଇ ନିଅନ୍ତୁ ବୋଲି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

# ଜିଲ୍ଲା ରାଜସ୍ୱ ବୈଠକ ଅନୁଷ୍ଠିତ

**ପୁରୀ:** ଜିଲ୍ଲାସ୍ତରୀୟ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ରାଜସ୍ୱ ଆଦାୟ ର ଧାର୍ଯ୍ୟ ଲକ୍ଷ୍ୟ କୁ ପୂରଣ ପାଇଁ ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ମାମଲା ଗୁଡିକର ତ୍ୱରାନ୍ୱିତ ସମାଧାନ, ସାଧାରଣ ଲୋକଙ୍କୁ ଉପଯୁକ୍ତ ସମୟ ଅବଧି ରେ ରାଜସ୍ୱ ପ୍ରମାଣପତ୍ର ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ସରକାରୀ ଜମିର ସୁରକ୍ଷା, ଭୂମି ହୀନ ଙ୍କୁ ଚିହ୍ନଟ, ବିଭିନ୍ନ ପ୍ରକଳ୍ପ ପାଇଁ ଭୂମି ଚିହ୍ନଟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ, ମୋଟର ଯାନ ରାଜସ୍ୱ ସଂଗ୍ରହ, ଅବକାରୀ ରାଜସ୍ୱ, ଷ୍ଟାମ୍ପ ଡ୍ୟୁଟି, ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯିବା ସହ ରାଜସ୍ୱ ଅଧିକାରୀ ମାନଙ୍କୁ ଉପଯୁକ୍ତ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରମୁଖ ଯୋଗଦେଇଥିଲେ ।



# ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ: ଶ୍ରୀମନ୍ଦିର ଭିତର ଚକଡ଼ା ଚିତ୍ର ସୋସିଆଲ୍ ମିଡିଆରେ ପ୍ରକାଶନ ଘଟଣାରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) କର୍ତ୍ତୃପକ୍ଷଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପତ୍ର ଲେଖିଛନ୍ତି । ଏଥିରେ ସେ ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ରତା ତଥା ଆଧାତ୍ମିକତା ବଜାୟ ରଖିବା ପ୍ରତ୍ୟେକ ଭକ୍ତ ଏବଂ ଶ୍ରୀମନ୍ଦିର ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି କହିଛନ୍ତି । ତେଣୁ ଶ୍ରୀମନ୍ଦିର ସମ୍ପର୍କିତ ଚିତ୍ର ପ୍ରକାଶନ ସମୟରେ ଅଧିକ ସତର୍କ ହେବାକୁ ମୁଖ୍ୟ ପ୍ରଶାସକ ଏଏସ୍‌ଆଇକୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ଶ୍ରୀମନ୍ଦିର ଭିତର ବେଢାର ଚିତ୍ର ସୋସିଆଲ ମିଡିଆରେ ପ୍ରକାଶନ କରାଯାଇଥିବା ନଜରକୁ ଆସିଥିଲାକ୍ଷ ସଙ୍ଗେସଙ୍ଗେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏନେଇ ଏଏସଆଇ ମହାନିର୍ଦ୍ଦେଶକଙ୍କ ଦୃଷ୍ଟିକୁ



ଆଣିଥିଲେ ଏବଂ ଏଏସ୍‌ଆଇ ପକ୍ଷରୁ ସମ୍ପୃକ୍ତ ଚିତ୍ର ଡିଲିଟ ମଧ୍ୟ କରାଯାଇଥିଲାକ୍ଷ ଏହା ଭିତରେ କିନ୍ତୁ ଚିତ୍ର ଗୁଡ଼ିକ ସେୟାର୍ ହେବା ସହ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ନିଜ ଚିଠିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଜଣାଇଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କ୍ଷେତ୍ରରେ ଏଏସ୍‌ଆଇ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତିକ୍ଷ ତେବେ ଏନେଇ ସୂଚନା ଦେବାକୁ ଯାଇ ଶ୍ରୀମନ୍ଦିର ଭିତର ବେଢା ସହ ଶ୍ରୀମନ୍ଦିର ଚିତ୍ର ସୋସିଆଲ୍ ମିଡିଆରେ ପ୍ରକାଶନ କରିବା ଭକ୍ତଙ୍କ ଧର୍ମୀୟ ଭାବନାକୁ ପ୍ରଭାବିତ କରିଛି । ଅରବିନ୍ଦ ପାଢ଼ୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ଲେଖିଥିବା ପତ୍ରରେ ମୁଖ୍ୟ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କ୍ଷେତ୍ରରେ ଏଏସ୍ ?ଆଇ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତିକ୍ଷ ତେବେ ଏନେଇ ସୂଚନା ଦେବାକୁ ଯାଇ ଶ୍ରୀମନ୍ଦିର ଭିତର ବେଢା ସହ ଶ୍ରୀମନ୍ଦିର ଚିତ୍ର ସୋସିଆଲ୍ ମିଡିଆରେ ପ୍ରକାଶନ କରିବା ଭକ୍ତଙ୍କ ଧର୍ମୀୟ ଭାବନାକୁ ପ୍ରଭାବିତ କରିଛିକ୍ଷ ତେଣୁ ଏ ବିଷୟରେ ଯଥେଷ୍ଟ ସତର୍କ ହେବା ସହ ଏହି ଘଟଣାରେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ପ୍ରଶାସକ ଲେଖିଛନ୍ତି ।

# ଶ୍ରୀମନ୍ଦିରକୁ ଚଷମାରେ ସ୍ପାଏ କ୍ୟାମେରା ନେଇ ଧରାପଡ଼ିଲା

ପୁରୀ: କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଗଜପତି ନଗରର ଅଭିସିତ କର ଏକ ସ୍ପାଏ କ୍ୟାମେରାଯୁକ୍ତ ଚଷମା ପିନ୍ଧି ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ ଓ ଶ୍ରୀମନ୍ଦିର ଭିତର ଦୃଶ୍ୟକୁ ରେକର୍ଡ କରିଥିଲେ । ମୁକ୍ତି ମଣ୍ଡପ ନିକଟରେ ସେବାୟତମାନେ ସନ୍ଦେହରେ ଏହି ଚଷମାକୁ ଧରି ଯାଞ୍ଚ କରିବାରେ ଏଥିରେ ସ୍ପାଏ କ୍ୟାମେରା ଲାଗିଥିବାର ଜଣାପଡ଼ିଥିଲା । ସେବାୟତମାନେ ଅଭିସିତଙ୍କୁ ଗାରଦକୁ ନେବା ପରେ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା



ବାହିନୀ (ଏସ୍‌ଏସ୍‌ବି) କର୍ମଚାରୀ ତାଙ୍କୁ 'କଣ୍ଟ୍ରୋଲ ରୁମ୍'କୁ ନେଇଥିଲେ । ସେଠାରେ ଅଭିସିତଙ୍କ ଠାରୁ ଏକ ଅଣ୍ଡରଟେକିଂ ଲେଖି ତାଙ୍କୁ ଛାଡ଼ି ଦିଆଯାଇଛି । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଅଭିସିତଙ୍କୁ ସିଂହଦ୍ୱାର ଥାନାକୁ ନିଆଯାଇ ତଦନ୍ତ ମଧ୍ୟ କରାଯାଇନଥିଲା ।

# ଜଗନ୍ନାଥଙ୍କୁ ଅପମାନ: ପାପୋଛରେ ମହାପ୍ରଭୁଙ୍କ ଛବି

**ପୁରୀ:** ମହାପ୍ରଭୁଙ୍କୁ ଅପମାନର ସମସ୍ତ ସୀମା ଅତିକ୍ରମ କରିଛି ଅନ୍ତର୍ଜାତୀୟ ଅନ୍‌ଲାଇନ୍ ସପିଂ ସଂସ୍ଥା । ପାପୋଛ ଭଳି ଗୋଡ଼ ପୋଛିବା ମ୍ୟାଟ୍‌ରେ ମହାପ୍ରଭୁଙ୍କ ଶ୍ରୀମୁଖକୁ ଚିତ୍ରିତ କରାଯାଇଛି । ବିଜ୍ଞାପନରେ ଥିବା ଚିତ୍ର ମୁତାବକ, ସେଇ ପାପୋଛରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିବା ବିଜ୍ଞପିତ କରାଯାଇଛି । 'ଲର୍ଡ ଜଗନ୍ନାଥ ମଣ୍ଡଳ ଆର୍ଟ ମ୍ୟାଟ ଡୋରୱେ' ଏବଂ 'କ୍ରିଷ୍ଣା ହିନ୍ଦୁ ଗଡ୍' ନାମରେ ଏହି ପାପୋଛ ବିକ୍ରି କରାଯାଉଛି । ମହାପ୍ରଭୁଙ୍କ ନାମ ଆଗରେ ଲର୍ଡ ତଥା ଭଗବାନ ଶବ୍ଦ ପ୍ରୟୋଗ ସତ୍ତ୍ୱେ ଏହାକୁ ଚଟାଣରେ ପାପୋଛ ଭଳି ବ୍ୟବହାର କରିବା ପାଇଁ ପାଦ ରଖି ବିଜ୍ଞପିତ କରିବା ଜଗନ୍ନାଥପ୍ରେମୀଙ୍କୁ ଭାବାବେଗକୁ ଆଘାତ ପହଞ୍ଚାଇଛି ।

# ପୁରୀ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହ ରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଏହି ଜାତୀୟ ଦିବସ କୁ ଆନନ୍ଦ, ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ ।ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ । ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ତାଳବଣିଆ ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ୧୫ ଅଗଷ୍ଟରେ ସ୍ୱାଧୀନତା ଦିବସ ର ମୁଖ୍ୟ ଅତିଥି ପୂର୍ବାହ୍ନ ୯ ଘଟିକା ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ଼ ରେ ଅଭିବାଦନ ଗ୍ରହଣ ଓ ଉଦବୋଧନ ପ୍ରଦାନ କରିବେ । ପରେ ପଡିଆରେ ସଂସ୍କୃତି



କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ,ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣ,ବୃକ୍ଷ ରୋପଣ କରାଯିବ ।ପରେ ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ରକ୍ତ ଦାନ ଶିବିରରେ ଯୋଗ ଦେବେ । ଅପରାହ୍ନ ରେ ଶ୍ରୀ ଜଗନ୍ନାଥ କ୍ରିକେଟ ପଡିଆ ଠାରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ।ସେହିପରି ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ ୧୫ ତାରିଖ ଦିନ ପୂର୍ବାହ୍ନ ୮ ଘଟିକା ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରିବାକୁ ପରାମର୍ଶ ଦିଆଗଲା । ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪.୩୦ ମିନିଟ ସମୟରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ ।ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ ମାନେ ପ୍ରଭାତ ଫେରି ଶେଷ କରି ଗାନ୍ଧୀ ସ୍ମୃତି ପୀଠ ଠାରେ ଏକତ୍ରିତ ହେବେ ଓ ସେଠାରେ ସକାଳ ୭.୧୫ ଘଟିକା ମଧ୍ୟରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ।ସହର ର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ପୁରୀ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ଆଲୋକ ମାଳାରେ ସଜ୍ଜିତ କରାଯିବ । ଅଭ୍ୟାସ ପ୍ୟାରେଡ ଅଗଷ୍ଟ ମାସ ୧୧ ଓ ୧୨ ତାରିଖ ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ପୂର୍ବାହ୍ନ ୮ ଘଟିକା ରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେବ ।ସେହିପରି ଅଗଷ୍ଟ ୧୪ ତାରିଖ ଅପରାହ୍ନ ୩ ଘଟିକା ରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବାଭାସ ଅନୁଷ୍ଠିତ ହେବ ।ପ୍ୟାରେଡ଼ ପଡିଆ ସଜ୍ଜା, ବ୍ୟାରିକେଡ ନିର୍ମାଣ, ଶାନ୍ତି ଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ଉତ୍ସବ ମଞ୍ଚକୁ ଫୁଲ କୁଣ୍ଡରେ ସଜେଇବା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଗଲା । ଜିଲ୍ଲା ଶିକ୍ଷା ଅଧିକାରୀ ମାଧ୍ୟମିକ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଓ ଏସ ସି ଏସ ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ କଲେଜ ଭାବେ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତାର ଆୟୋଜନ କରି କୃତି ପ୍ରତିଯୋଗୀ ଙ୍କ ନାମ ଜିଲ୍ଲା ପ୍ରଶାସନ କୁ ଅଗଷ୍ଟ ୮ ତାରିଖ ସୁଦ୍ଧା ପ୍ରେରଣ କରିବେ । ସେହିପରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଝୋଟି ପ୍ରତିଯୋଗିତା ଆୟୋଜନ କରି ସଫଳ ପ୍ରତିଯୋଗୀ ଙ୍କ ନାମ ପ୍ରଦାନ କରିବେ ।ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟାଳୟକୁ,ବ୍ୟବସାୟିକ ପ୍ରତିଷ୍ଠାନ ସେମାନଙ୍କ ପ୍ରତିଷ୍ଠାନ କୁ ଓ ବ୍ୟକ୍ତି ବିଶେଷ ମାନେ ନିଜ ଗୃହ କୁ ଆଲୋକ ମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଗଲା ।ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୃଷ୍ଟି ବାଧିତ ଙ୍କୁ ଶିକ୍ଷା ଉପକରଣ ପ୍ରଦାନ



ପୁରୀ ୨୦/୭ ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା ଙ୍କ ଦ୍ୱାରା ନିମାପଡା ଓ ଗୋପ ର ସ୍ୱତନ୍ତ୍ର ବିଦ୍ୟାଳୟ ରେ ପଢୁଥିବା ୪ ଜଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ଙ୍କୁ ଆନି ସ୍ମାର୍ଟ ଡିଭାଇସ ବା ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି । ଏହି ଉପକରଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ଲାଭ ପାଇଁ ଅନେକ ଉପାଦେୟ ସାବ୍ୟସ୍ତ ହୋଇ ପାରିବ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଶିକ୍ଷା ଲାଭ ପାଇଁ କୌଣସି ପ୍ରତିବନ୍ଧକ ଯେପରି ନ ରୁହେ ସେଥିପାଇଁ ଯତ୍ନ ବାନ ହେବାକୁ ସାମାଜିକ ସୁରକ୍ଷା ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ ।ସେହିପରି ଛାତ୍ରଛାତ୍ରୀ ମାନେ ଯେପରି ଏହି ଉପକରଣର ସଠିକ ଉପଯୋଗ କରି ଉପକୃତ ହେବେ ସେଥିପାଇଁ ସେମାନ ଙ୍କୁ ସଠିକ ପ୍ରଶିକ୍ଷଣ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉପକରଣ ପ୍ରଦାନ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ଉପସ୍ଥିତ ଥିଲେ ।

# ବିଶ୍ୱର ଦେବତା ଶ୍ରୀଜଗନ୍ନାଥ

**ଦେବାଶିଷ ଚକ୍ରବର୍ତ୍ତୀ**

ଶ୍ରୀଜଗନ୍ନାଥ ହିଁ ଓଡ଼ିଶା ଓ ଓଡ଼ିଆର ସର୍ବଶ୍ରେଷ୍ଠ ପରିଚିତି । ତାଙ୍କ ବ୍ୟତିରେକ ଏ ଜାତିର ଅସ୍ତିତ୍ୱ କଳ୍ପନାତୀତ । ସେ କେବଳ ଆମର ଆଧ୍ୟାତ୍ମିକ ଦେବତା ନୁହନ୍ତି ବରଂ ସେ ସାଜିଛନ୍ତି ଏ ଜାତିର ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ଚେତନାର ପ୍ରତିଭୂ । ବାହ୍ୟ ଉପଚାରର ଆଡ଼ମ୍ବର ଅପେକ୍ଷା ଅକୃତ୍ରିମ ଭକ୍ତିକୁ ହିଁ ସେ ଚିରକାଳ ଶ୍ରେୟ ମଣିଥାନ୍ତି । ତେଣୁ ତାଙ୍କ ପ୍ରସାରିତ ବାହୁ ଯୁଗଳ ସକଳ ମତପନ୍ଥୀଙ୍କୁ ଅଭୟ ଆଶ୍ରୟ ଦେଇଆସିଛି । ତାଙ୍କ ମଧ୍ୟରେ ସମସ୍ତେ ନିଜ ନିଜର ଅଭୀଷ୍ଟଙ୍କୁ ଖୋଜିପାଇ ଉଲ୍ଲସିତ ହୋଇଛନ୍ତି । ସେ କେବଳ ହିନ୍ଦୁଧର୍ମର ବିବିଧ ସଂପ୍ରଦାୟ ଦ୍ୱାର । ଗୃହୀତ ହୋଇନାହାନ୍ତି, ବରଂ ବହୁ ବିଧର୍ମୀ ଦ୍ୱିଧାହୀନ ଭାବରେ ତାଙ୍କୁ ଆପଣେଇ ନେଇଛନ୍ତି । ତାଙ୍କ ମହିମା କେବଳ ଆମ ଦେଶରେ ସୀମିତ ହୋଇ ରହିନାହିଁ । ବିଭିନ୍ନ ଦେଶରେ ସେ ନିରାଜିତ ହେଉଛନ୍ତି । ରଥଚକର ଘର୍ଘର ସହିତ ଜୟ ଜଗନ୍ନାଥ ଧ୍ୱନିରେ ବିଭିନ୍ନ ଦେଶର ବହୁ ମହାନଗରୀର କୋଟି କୋଟି ଭକ୍ତଙ୍କ ପ୍ରାଣପୁର ଉଲ୍ଲସିତ ହୋଇଉଠୁଛି । କେବଳ ଶ୍ରୀମନ୍ଦିରର ରତ୍ନବେଦୀ ନୁହେଁ ନିଷ୍କଳ ପ୍ରାଣର ହୃଦୟବେଦୀ ହିଁ ସାଜିଛି ତାଙ୍କର ନିବାସ ସ୍ଥଳ । ଶ୍ରୀଜଗନ୍ନାଥ ସ୍ଥାନ, କାଳର ପରିସ୍ ଅତିକ୍ରମ କରି ବହୁ ଭିନ୍ନ ଧର୍ମାବଲମ୍ବୀ ଭକ୍ତ ଓ ସାଧକଙ୍କୁ ଆକର୍ଷିତ କରି ଆସିଛନ୍ତି । ଖ୍ରୀଷ୍ଟଧର୍ମର ସଂସ୍ଥାପକ ଯୀଶୁଖ୍ରୀଷ୍ଟ ତାଙ୍କପ୍ରତି ଆକର୍ଷିତ ହୋଇ ଶ୍ରୀକ୍ଷେତ୍ରକୁ ଆସିଥିଲେ ବୋଲି ଆଲୋଚକମାନେ ମତ ଦିଅନ୍ତି । କିନ୍ତୁ ଦୁଇ ହଜାର ବର୍ଷ ତଳେ ସୁଦୂର ଜେରୁଜେଲମରୁ ଯୀଶୁଖ୍ରୀଷ୍ଟଙ୍କର ଶ୍ରୀକ୍ଷେତ୍ର ଆଗମନ ସଂପର୍କରେ ସନ୍ଦେହ ପ୍ରକାଶ ପାଇଥାଏ । ଭାରତୀୟ ଧର୍ମ ଚିନ୍ତନରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ଅଭେଦତ୍ୱ ଗୃହୀତ ହୋଇ ସାରିଛି । ଦ୍ୱାଦଶ ଶତାବ୍ଦୀର ପ୍ରଖ୍ୟାତ କୃଷ୍ଣଭକ୍ତ ନିମ୍ବାର୍କ ସ୍ୱାମୀ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ଅଭିହିତ କରିଛନ୍ତି । ଶଙ୍କରାଚାର୍ଯ୍ୟ ମଧ୍ୟ ତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ କରିଛନ୍ତି, ବଂଶୀ ବାଦନରତ କୃଷ୍ଣଚନ୍ଦ୍ରଙ୍କୁ । ଶ୍ରୀଜଗନ୍ନାଥ ମଧ୍ୟ ଶ୍ରୀକୃଷ୍ଣ ଭାବରେ 'ଓଁ କ୍ଲୀ କୃଷ୍ଣାୟ ଗୋପୀଜନ ବଲ୍ଲଭାୟ ନମଃ' ମନ୍ତ୍ରରେ ଆରାଧ୍ୟ ହେଉଛନ୍ତି । ଏହା ଶ୍ରୀକୃଷ୍ଣଙ୍କ ସହିତ ଶ୍ରୀଜଗନ୍ନାଥଙ୍କୁ ସୂଚିତ କରୁଛି । ତେଣୁ କୃଷ୍ଣ ଚରିତ୍ର ସହିତ ଖ୍ରୀଷ୍ଟଙ୍କର ଅଦ୍ଭୁତ ସାମ୍ୟ ତାଙ୍କୁ ଶ୍ରୀଜଗନ୍ନାଥଙ୍କର ନିକଟତର କରୁ ନାହିଁକି ? ସନ୍ଥ କବୀର ଓ ହରିଦାସଙ୍କ ପରି ମୁସଲମାନ ସାଧକମାନେ ଶ୍ରୀଜଗନ୍ନାଥଙ୍କ କୃପାଲାଭ କରିବାକୁ ଆକର୍ଷିତ ହୋଇ ଆସିଛନ୍ତି । ୧୫୧୨ ଖ୍ରୀଷ୍ଟାବ୍ଦରେ ସନ୍ଥ କବୀର ଶ୍ରୀକ୍ଷେତ୍ରକୁ ଆସିଥିଲେ । ତାଙ୍କର ଶ୍ରୀକ୍ଷେତ୍ର ରହଣୀର ସ୍ମାରକୀ ସ୍ୱରୂପ ପୁରୀ ସାଗର ବେଳାରେ ସ୍ୱର୍ଗଦ୍ୱାର ନିକଟରେ 'କବୀର ଚୌରା' ବିଦ୍ୟମାନ ଅଛି । ସେଠାରେ ସନ୍ଥ କବୀରଙ୍କର ଆଶାବାଡ଼ି ଓ କଠଉ ସଂରକ୍ଷିତ ହୋଇ ରହିଛି । କଥିତ ଅଛି ସେଠାରେ ସେ ଆଶାବାଡ଼ି ପୋତି ବାରମ୍ବାର କୂଳ ଲଂଘନ କରୁଥିବା ଅଶାନ୍ତ ସମୁଦ୍ରକୁ ନିୟନ୍ତ୍ରିତ କରିଥିଲେ । ଏଠାକୁ ଆସୁଥିବା ଦର୍ଶନାର୍ଥୀ ତଥା ଭକ୍ତମାନେ ପ୍ରସାଦ ସ୍ୱରୂପ 'ଟଙ୍କ ତୋରାଣି' ପାଇବା ସହିତ ଝାଡୁ ଦ୍ୱାରା ଆଶୀର୍ବାଦ ଲାଭ କରିଥାନ୍ତି । ସେ ଧର୍ମୀୟ ସଂକୀର୍ଣ୍ଣତାକୁ ପରିହାର କରି ମାନବତାର ଜୟଗାନ କରିଥିଲେ । ସନ୍ଥ କବୀର ନିର୍ଗୁଣ ବ୍ରହ୍ମର ଉପାସକ ହୋଇଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବ୍ୟାକୁଳ ହୋଇ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିବା ସହିତ 'ଠାକୁର ଭଲେ ବିରାଜୋ ଜୀ' ବୋଲି ପ୍ରକାଶ କରି ଶ୍ରୀଜଗନ୍ନାଥଙ୍କର ଅଭୟ ଆଶ୍ରୟ ଲୋଡ଼ିଥିଲେ । ସନ୍ଥ ହରିଦାସ ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହୋଇ ଶ୍ରୀକ୍ଷେତ୍ରରେ ତାଙ୍କର ଶେଷ ଜୀବନ ଅତିବାହିତ କରିଥିଲେ । ସେ ବାଂଲାଦେଶର ଯଶୋର ଜିଲ୍ଲାରେ ଏକ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଥିଲା ହିଦାତୁଲ୍ଲା ଓ



ମାତାଙ୍କର ନାମ ଲତିଫା ।ସେମାନଙ୍କ ପୂର୍ବପୁରୁଷ ହିନ୍ଦୁଥିଲେ । ମାତ୍ର ମୁସଲମାନ ଶାସକଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ମୁସଲମାନ ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଶ୍ରୀଚୈତନ୍ୟ ନବଦ୍ୱୀପରେ ହରିନାମ ପ୍ରଚାର କରୁଥିବାବେଳେ ହରିଦାସଙ୍କ ସହିତ ସାକ୍ଷାତ ଘଟିଥିଲା । ସେ ତାଙ୍କପରି ଜଣେ ନିଷ୍ଠାପର ବୈଷ୍ଣବଙ୍କୁ ପାଇ ଆନନ୍ଦିତ ହେବା ସହିତ ତାଙ୍କୁ ନିଜର ସାଥୀ ଭାବରେ ଗ୍ରହଣ କରିଥିଲେ । ହରିଦାସ ଶ୍ରୀଚୈତନ୍ୟଙ୍କ ସହିତ ଶ୍ରୀକ୍ଷେତ୍ରକୁ ଆସି ଶେଷ ଜୀବନ ଅତିବାହିତ କରିଥିଲେ । ମୁସଲମାନ ହୋଇଥିବାରୁ ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ତାଙ୍କୁ ମିଳିନଥିଲା । ମାତ୍ର ଶ୍ରୀଚୈତନ୍ୟ ତାଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ । ହରିଦାସ କୃଷ୍ଣ ମିଶ୍ରଙ୍କର ପୁଷ୍ପ ବାଟିକାରେ ଅବସ୍ଥାନ କରୁଥିଲେ । ଶ୍ରୀଚୈତନ୍ୟ ତାଙ୍କୁ ନିୟମିତ ସାକ୍ଷାତ କରି ଶ୍ରୀଜଗନ୍ନାଥଙ୍କର ତୁଳସୀ ଓ ଧଣ୍ଡା ପ୍ରଦାନ କରୁଥିଲେ । ହରିଦାସଙ୍କ ଆବାସସ୍ଥଳ ବର୍ତ୍ତମାନ ପୁରୀର 'ସିଦ୍ଧବକୁଳ ମଠ' ଭାବରେ ପରିଚିତ ହୋଇଛି । ସନ୍ଥ କବୀର ଓ ହରିଦାସଙ୍କ ଭଳି ମୁସଲମାନ ସାଧକମାନେ ଯେ କେବଳ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକର୍ଷିତ ହୋଇଛନ୍ତି ତାହା ନୁହେଁ ସାଲବେଗଙ୍କ ପରି ଅଣହିନ୍ଦୁ କବିମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ବନ୍ଦନରେ ମୁଖର ହୋଇଛନ୍ତି । ତାଙ୍କ ପିତା ଲାଲବେଗ ଥିଲେ ମୋଗଲ ଶାସନ ଅଧୀନରେ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ । ତାଙ୍କ ମାତା ଥିଲେ ପୁରୀ ଜିଲ୍ଲାର ଦାଣ୍ଡମୁକୁନ୍ଦପୁରର ହିନ୍ଦୁ ରମଣୀ । ସାଲବେଗଙ୍କ ମାତା ବ୍ରାହ୍ମଣୀ ହୋଇଥିଲେ ମଧ୍ୟ ପିତା ମୁସଲମାନ ହୋଇଥିବାରୁ ଜନ୍ମ ସୂତ୍ରେ ସେ ଥିଲେ ମୁସଲମାନ । ଯୌବନରେ ସେ ସୈନ୍ୟବାହିନୀରେ ଯୋଗଦେଇ ଶତ୍ରୁପକ୍ଷର ଅସ୍ତ୍ରାଘାତରେ ଶଯ୍ୟାଶାୟୀ ହୋଇ ଅକଥ୍ୟ ଯନ୍ତ୍ରଣା ଭୋଗ କରିଥିଲେ । ମାତ୍ର ମାତାଙ୍କର ପରାମର୍ଶକ୍ରମେ ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହୋଇ ଆରୋଗ୍ୟ ଲାଭ କରିଥିଲେ । ତେଣୁ ଶ୍ରୀଜଗନ୍ନାଥଙ୍କର କୃପାଧନ୍ୟ ସାଲବେଗ ଭକ୍ତି ତଦ୍‌ଗତ ହୋଇ 'ଆହେନୀଳ ଶଇଳ ପ୍ରବଳ ମତ୍ତ ବାରଣ', 'ଆହେ ନୀଳ ଗିରି ତୁମ ଶ୍ରୀଭୁଜେ ଦୟଣା କେରି କେରି' ଭଳି ବହୁ ଉଚ୍ଚକୋଟୀର ଭଜନ ରଚନା କରିଥିଲେ । ସନ୍ଥ ତୁଳସୀ ଦାସ 'ମୋହି ରାମ ସୋହି ଜଗଦୀଶା' ବୋଲି ପ୍ରକାଶ କରି ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କର ଅଭେଦ କଳ୍ପନା କରିଛନ୍ତି । ସେହିପରି ଭକ୍ତ ସାଲବେଗଙ୍କ ଦୃଷ୍ଟିରେ ଯିଏ ରଘୁନାଥ, ସିଏ ଗୋପୀନାଥ ଓ ସିଏ ପୁଣି ଶ୍ରୀଜଗନ୍ନାଥ । ତେଣୁ ସେ କେତେବେଳେ ତାଙ୍କୁ 'ଆହେ ରାମହରି' ବୋଲି ସମ୍ବୋଧନ କରିଛନ୍ତି ତ ପୁଣି କେତେବେଳେ ଶ୍ରୀଜଗନ୍ନାଥ ତାଙ୍କ ଦୃଷ୍ଟିରେ ପାଲଟି ଯାଇଛନ୍ତି 'କାଳିଆଧନ' । ପୁରୀ ବଡ଼ଦାଣ୍ଡ ନିକଟରେ ରାମାନନ୍ଦ ସଂପ୍ରଦାୟର ବଡ଼ଛତା ମଠ ନିକଟରେ ସାଲବେଗଙ୍କର ସମାଧି ପୀଠ ଅବସ୍ଥିତ । ଏକଦା ବୃନ୍ଦାବନରୁ ବୃନ୍ଦାବନ ବିହାରୀଙ୍କ ଦର୍ଶନ ସାରି ସେ (ସାଲବେଗ) ଫେରୁଥିବାବେଳେ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ନପାରିଥିବାର ଆଶଙ୍କା ଉପୁଜିଥିଲା । ଏହି ସମୟରେ ତାଙ୍କର ଆତୁର ପ୍ରାର୍ଥନାକୁ ମହାପ୍ରଭୁ ଏଡ଼ାଇ ପାରିନଥିଲେ । ଫଳସ୍ୱରୂପ ବଳଗଣ୍ଡିଠାରେ ରଥ ଅଟକି ରହିଥ ?ବାର ଜନଶ୍ରୁତି ଶୁଣାଯାଏ । ତେଣୁ ସାଲବେଗ ନିଜ ଜୀବନର ଅନ୍ତିମ ସମୟ ସେଠାରେ ଅତିବାହିତ କରିଥିଲେ । ତାଙ୍କ ସମାଧି ପୀଠ ନିକଟରେ ଏବେକି ରଥ ଅଟକି ତାଙ୍କ ମାହାତ୍ମ୍ୟକୁ ସୂଚିତ କରୁଛି । ବିଂଶ ଶତାବ୍ଦୀରେ କେନ୍ଦ୍ରାପଡ଼ା ଜିଲ୍ଲାର କନିକାରେ ଜନ୍ମିତ ଉଜୀବେଗ୍ ସାଧକ ରାମଦାସଙ୍କଠାରୁ ଦୀକ୍ଷା ଗ୍ରହଣ କରି ଭଜନ ଜଣାଣାଦି ରଚନାରେ ପ୍ରବୃତ୍ତ ଥିଲେ । ସେ ସାଲବେଗଙ୍କ ପରି ଓଡ଼ିଆ ସାହିତ୍ୟରେ ଜଣେ ମୁର୍ଦ୍ଧଣ୍ୟ ପ୍ରତିଭା ରୂପେ ପରିଗଣିତ ହେଉନଥିଲେ ମଧ୍ୟ ନାଟକ ଓ ରାମଲୀଳା ପ୍ରଭୃତି ରଚନା କରି ନିଜ ସୃଷ୍ଟିଶୀଳତାର ସ୍ୱାକ୍ଷର ରଖିଯାଇଛନ୍ତି । ତାଙ୍କ ରଚିତ 'ଖୁଦୁରୁକୁଣୀ ଓଷା' ପ୍ରଚଳିତ ଖୁଦୁରୁକୁଣୀ ଓଷାଠାରୁ ସ୍ୱତନ୍ତ୍ର । ସଂପ୍ରତି ପ୍ରଚଳିତ ଖୁଦୁରୁକୁଣୀ ଓଷା ନବାକ୍ଷରୀ ବୃତ୍ତରେ ରଚିତ ଓ ପାଞ୍ଚ ଅଧ୍ୟାୟ ବିଶିଷ୍ଟ ହୋଇଥିବା ବେଳେ ଉଜି ?ଙ୍କ ରଚିତ ଓଷା ଏଗାର ଅଧ୍ୟାୟ ବିଶିଷ୍ଟ ହେବା ସହିତ ବିବିଧ ରାଗରାଗିଣୀ ସମ୍ବଳିତ ହୋଇଛି । ଏହାର ପ୍ରାରମ୍ଭରେ ସେ ଶ୍ରୀଜଗନ୍ନାଥଙ୍କ ବନ୍ଦନରେ ମୁଖର ହୋଇ ଗାଇ ଉଠିଛନ୍ତି – 'ବନ୍ଦଇ ଜଗତନାଥ ହେ । ଭକ୍ତ ବାନ୍ଧବ ହରି । ଶଙ୍ଖ ଚକ୍ର ଗଦାପଦ୍ମ ହେ । ଅଛ ଶ୍ରୀକରେ ଧରି ।' ମୁସଲମାନ ସଂପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଭଜନ ଜଣାଣାଦି ରଚନା ସହିତ ଦୀକ୍ଷା ଗ୍ରହଣ ପୂର୍ବକ ହରିନାମ ସଂକୀର୍ତ୍ତନରେ ମଗ୍ନ ରହିବା ତାଙ୍କର ଜଗନ୍ନାଥ ପ୍ରାଣତାକୁ ସୂଚିତ କରୁ ନାହିଁକି ? ଶିଖ୍ ଧର୍ମର ସଂସ୍ଥାପକ ଗୁରୁନାନକ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକର୍ଷିତ ହୋଇ ଶ୍ରୀକ୍ଷେତ୍ରକୁ ଆସିଥିଲେ । ସେତେବେଳେ ଶ୍ରୀଚୈତନ୍ୟ ମଧ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିଲେ । ଶ୍ରୀକ୍ଷେତ୍ରରେ ଶିଖ୍ ସଂପ୍ରଦାୟର ମଙ୍ଗୁମଠ ଓ ବାଉଳିମଠ ନାମକ ଦୁଇଟି ଅନୁଷ୍ଠାନ ରହିଛି । ଏଠାରେ ନାନକ ତାଙ୍କ ପୁତ୍ର 'ଶ୍ରୀଚାନ୍ଦ୍ର' ଓ ଶିଷ୍ୟମାନଙ୍କ ସହିତ ଅବସ୍ଥାନ କରିଥିଲେ । ଶ୍ରୀକ୍ଷେତ୍ର ରହଣୀ କାଳରେ ସେ ଶ୍ରୀଚୈତନ୍ୟଙ୍କ ହରିନାମ ସଂକୀର୍ତ୍ତନରେ ସାମିଲ ହୋଇଥିବା କଥା ଈଶ୍ୱର ଦାସଙ୍କ ରଚିତ 'ଶ୍ରୀଚୈତନ୍ୟ ଭାଗବତ'ରୁ ଜଣାଯାଏ । ଶ୍ରୀକ୍ଷେତ୍ରରେ ଅବସ୍ଥାନ କାଳରେ ସେ ଶ୍ରୀଜଗନ୍ନାଥଙ୍କ କୃପାରୁ ସମୁଦ୍ର ତଟସ୍ଥ ଏକ କୂପର ଲବଣାକ୍ତ ଜଳକୁ ମଧୁର କରିବା ସହିତ ଭକ୍ତମାନଙ୍କୁ ତାଙ୍କ ହାତ ପାପୁଲିରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଅଙ୍କିତ ଚିତ୍ର ପ୍ରଦର୍ଶନ ଭଳି ବହୁ ଅଲୌକିକ କର୍ମ ସଂପାଦନ କରିଥିବା କଥା ଜଣାଯାଏ । ଗୁରୁ ନାନକଙ୍କର ଏହି ଅଲୌକିକ କର୍ମର ସ୍ମାରକ ସ୍ୱରୂପ ମଙ୍ଗୁମଠ ଓ ବାଉଳିମଠର ନାଲି ପତାକାରେ ଧଳା ପାପୁଲିର ଚିତ୍ର ଅଙ୍କିତ ହୋଇଛି । ଜଗନ୍ନାଥ ପ୍ରାଣ ନାନକ ଦେବ ସମଗ୍ର ଆକାଶକୁ ବନ୍ଦାଣ ଥାଳି ଓ ତାରାମାନଙ୍କୁ ଦୀପ ଭାବରେ ଗ୍ରହଣ କରି ଶ୍ରୀଜଗନ୍ନାଥଙ୍କୁ ବନ୍ଦାପନା କରିବାକୁ ଇଚ୍ଛାପ୍ରକାଶ କରିଥିଲେ । ସେ ଶ୍ରୀକ୍ଷେତ୍ରରୁ ବିଦାୟ ନେବାବେଳେ ତତ୍କାଳୀନ ଗଜପତି ପ୍ରତାପରୁଦ୍ର ଦେବ ତାଙ୍କ ସହିତ ଜଗନ୍ନାଥ ସଡ଼କ ପର୍ଯ୍ୟନ୍ତ ଯାଇ ତାଙ୍କୁ ବିଦାୟ ଜଣାଇଥିଲେ ।

# ଗୁରୁଦତ୍ତ: ନୃତ୍ୟ ନିର୍ଦ୍ଦେଶକରୁ କିମ୍ବଦନ୍ତୀ ପ୍ରତିମ ଚଳଚ୍ଚିତ୍ର ନିର୍ମାତା

ଏ ବର୍ଷ ଜୁଲାଇ ୯ ତାରିଖରେ କିମ୍ବଦନ୍ତୀ ପ୍ରତୀମ ଚଳଚ୍ଚିତ୍ର ନିର୍ମାତା, ଲେଖକ, ପ୍ରଯୋଜକ ଓ ଅଭିନେତା ଗୁରୁଦତ୍ତଙ୍କର ଜନ୍ମ ଶତବାର୍ଷିକୀ ପୂର୍ତ୍ତୀ ହେଉଛି । ତାଙ୍କ ନିର୍ଦ୍ଦେଶିତ ଓ ଅଭିନୀତ 'ପ୍ୟାସା' ଏବଂ 'କାଗଜ କେ ଫୁଲ' ଧ୍ରୁପଦୀ ଚଳଚ୍ଚିତ୍ର ଭାବରେ ସାରା ପୃଥିବୀରେ ମାନ୍ୟତାପ୍ରାପ୍ତ । ଗୁରୁଦତ୍ତଙ୍କର ପ୍ରକୃତ ନାଁ ଥିଲା ବସନ୍ତ କୁମାର ଶିବ ଶଙ୍କର ପଦୁକନ । ୧୯୨୫ ମସିହା ଜୁଲାଇ ୯ ତାରିଖରେ ଦକ୍ଷିଣ ଭାରତର ମହୀଶୂର (ଏବେ ତା'ର ନାଁ ହୋଇଛି ମାଇଶୁରୁ) ଜନ୍ମ ଗ୍ରହଣ କରନ୍ତି । କଲିକତାରେ ତାଙ୍କର ପ୍ରାଥମିକ ଶିକ୍ଷା । ପରେ ନୃତ୍ୟଗୁରୁ ଉଦୟଶଙ୍କରଙ୍କର ଅଧିନରେ ସେ ପ୍ରଶିକ୍ଷଣ ନିଅନ୍ତି । ଏହାପରେ ସେ ପ୍ରବେଶ କରନ୍ତି ପ୍ରଭାତ ଷ୍ଟୁଡିଓରେ । ଏଇଠି 'ହମ୍ ଏକ ହେ' (୧୯୪୬) ଚଳଚ୍ଚିତ୍ରରେ କୋରିଓଗ୍ରାଫର ଭାବରେ ସେ ପ୍ରଥମେ ସୁଯୋଗ ପାଆନ୍ତି । ଏ ଚଳଚ୍ଚିତ୍ରରେ ଅଭିନେତା ଭାବରେ ଆତ୍ମପ୍ରକାଶ କରନ୍ତି ଦେବାନନ୍ଦ । ଏଇଠୁ ବନ୍ଧୁତ୍ୱ । ଦେବାନନ୍ଦ ସେତେବେଳକୁ ତାରକା ଏବଂ ନିଜର ପ୍ରଯୋଜନା ସଂସ୍ଥା ନବକେତନ ଆରମ୍ଭ କରିଛନ୍ତି । ଦେବାନନ୍ଦ ତାଙ୍କୁ ଆମନ୍ତ୍ରଣ କଲେ 'ବାଜି' ଚଳଚ୍ଚିତ୍ର ପରିଚାଳନା କରିବାପାଇଁ । ୧୯୫୧ରେ ପରିଚାଳକ ଭାବରେ ଗୁରୁଦତ୍ତଙ୍କର ପ୍ରଥମ ଚଳଚ୍ଚିତ୍ର 'ବାଜି' ମୁକ୍ତିଲାଭ କରେ । ଏଥିରେ ଅଭିନୟ କରନ୍ତି ଦେବାନନ୍ଦ, ଗୀତାବାଲୀ ଓ କଲ୍ୟାଣୀ କାର୍ତ୍ତିକ । ଏ ଚଳଚ୍ଚିତ୍ରଟି ଭାରତରେ ସହରୀ ଅପରାଧଭିତ୍ତିକ ଚଳଚ୍ଚିତ୍ର (ଅର୍ବାନ ଥ୍ରୀଲର)ର ପଥ ପ୍ରଦର୍ଶକ ହିସାବରେ ବିବେଚିତ ହୁଏ । ଏ ଛବିର ଗୀତ ଗୁଡିକ ବିଶେଷକରି ଗୀତା ରାୟଙ୍କ କଣ୍ଠରେ ସେତେବେଳେ ଭାରି ଜନପ୍ରିୟ ହୋଇଥିଲା । ୧୯୫୩ ମସିହାରେ ମୁକ୍ତିଲାଭ କରେ 'ବାଜ' । ଏଥିରେ ଗୁରୁଦତ୍ତ ପ୍ରଥମ ଥର ପାଇଁ ପ୍ରଧାନ ଚରିତ୍ରରେ ଅଭିନୟ କରନ୍ତି । ପରିଚାଳନା ମଧ୍ୟ ସେ କରିଥିଲେ । ପରିଚାଳକ, ଅଭିନେତା, ପ୍ରଯୋଜକ ଭାବରେ ଗୁରୁଦତ୍ତ ଚଳଚ୍ଚିତ୍ର ନିର୍ମାଣର ପ୍ରତ୍ୟେକ ଦିଗରେ ଅସାଧାରଣ ନିୟନ୍ତ୍ରଣ ଥିଲା । ପ୍ରତିଭାବାନ ଲେଖକ ଯେମିତି ଅବ୍ରର ଅଲ୍ଭି, କିମ୍ବଦନ୍ତୀ ଚିତ୍ର ଉତ୍ତୋଳକ ଭି କେ ମୂର୍ତ୍ତି ଏବଂ ସୁରକାର ଏସ ଡି ବର୍ମନଙ୍କ ସହିତ ସେ ହିନ୍ଦୀ ସିନେମାର କାଳଜୟୀ କେତେଗୁଡିଏ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ତାଙ୍କ ଚଳଚ୍ଚିତ୍ରର ଭାଷା (ସିନେମାଟିକ୍ ଲାଙ୍ଗୁଏଜ୍) ଆଲୁଅ ଛାଇର ନାଟକୀୟ ବ୍ୟବହାର, ସମ୍ବେଦନଶୀଳ ଚିତ୍ର ଗ୍ରହଣ ଏବଂ ନିରବତାର



ଡ. ମୃଣାଳ ଚାଟାର୍ଜୀ

ନାନ୍ଦନିକ ପ୍ରୟୋଗ ତାଙ୍କ ଚଳଚ୍ଚିତ୍ରକୁ ଏକ ଅମୂର୍ତ୍ତ୍ୟ ରୂପ ଦେଇଥାଏ । ୧୯୫୪ ମସିହାରେ ମୁକ୍ତିଲାଭ କଲା 'ଆରପାର' । ଏତେବେଳକୁ ଗୁରୁଦତ୍ତ ବମ୍ବେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଶକ୍ତିଶାଳୀ ପରିଚାଳକ ଭାବରେ ପ୍ରତିଷ୍ଠିତ ହୁଅନ୍ତି । ଏହାପରେ ତାଙ୍କର କେତେଗୁଡିଏ ଚମତ୍କାର ଚଳଚ୍ଚିତ୍ର ମୁକ୍ତିଲାଭ କରେ ଯେମିତି 'ମିଷ୍ଟର ଆଣ୍ଡ ମିସେସ୍ ୫୫', 'ପ୍ୟାସା' ଏବଂ 'କାଗଜ କେ ଫୁଲ୍' । ବିଡମ୍ବନା ହେଲା 'କାଗଜ କେ ଫୁଲ୍' ବକ୍ସ ଅଫିସରେ ବ୍ୟର୍ଥ ହେଲା ଏବଂ ଏଥିପାଇଁ ସେ ଗଭୀର ଭାବରେ ହତାଶ ହେଲେ ଏବଂ ତା ପରଠୁ ଆଉ ଚଳଚ୍ଚତ୍ର ପରିଚାଳନା କରିନାହାନ୍ତି । କିନ୍ତୁ ଏହାପରେ ବି ସେ ପ୍ରଯୋଜନା ଏବଂ ଅଭିନୟ କରୁଥିଲେ । ୧୯୬୦ ରେ ତାଙ୍କ ପ୍ରଯୋଜିତ 'ଚୌଦବିଇଁ କେ ଚାନ୍ଦ' (୧୯୬୦) ଖୁବ ଜନପ୍ରିୟତା ହାସଲ କରିଥିଲା । ଏହାର ନିର୍ଦ୍ଦେଶକ ଥିଲେ ଏମ ସାଦିକ । 'ସାହେବ ବିବି ଔର ଗୋଲାମ' (୧୯୬୨) ଚଳଚ୍ଚିତ୍ରରେ ଯଦିଓ ପରିଚାଳକ ଭାବରେ ଅବ୍ରର ଅଲଭିଙ୍କ ନାଁ ରହିଛି କିନ୍ତୁ ଏ ଚଳଚ୍ଚତ୍ରରେ ଗୁରୁଦତ୍ତଙ୍କର ଛାପ ସ୍ପଷ୍ଟଭାବେ ବିଦ୍ୟମାନ । ଏ ଚଳଚ୍ଚତ୍ରଟି ରାଷ୍ଟ୍ରପତିଙ୍କର ରୌପ୍ୟ ପଦକ ଲାଭ କରିଥିଲା । ୧୯୬୪ରେ ଗୁରୁ ଦତ୍ତ ତାଙ୍କ ଜୀବନର ଶେଷ ଚଳଚ୍ଚିତ୍ରଟି କରିଥିଲେ । ନାଁ ଥିଲା: 'ସାନଜ ଔର ସବେରା' । ନାୟିକା ଥିଲେ ମିନାକୁମାରୀ । ନିର୍ଦ୍ଦେଶକ: ହୃଷିକେଶ ମୁଖାର୍ଜୀ । ଚଳଚ୍ଚିତ୍ର ଜଗତରେ ସେ ସଫଳ ହୋଇକିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନରେ ନାନା ଝଡ଼ଝଞ୍ଜା ଲାଗିରହିଥିଲା । ତା ସହିତ ସେ ଖୁବ ବିଶୃଙ୍ଖଳ ଜୀବନ ଜିଉଁଥିଲେ । ୧୯୬୪ ବେଳକୁ ତାଙ୍କର ପତ୍ନୀ ଗୀତା(୧୯୫୩ରେ ସେମାନଙ୍କର ବିବାହ ହୋଇଥିଲା)ଙ୍କ ସହିତ ତାଙ୍କର ବିବାହ ବିଚ୍ଛେଦ ହୋଇ ସାରିଥିଲା ଏବଂ ସେ ଏକୁଟିଆ ରହୁଥିଲେ । ୧୯୬୪ ଅକ୍ଟୋବର ୧୦ ତାରିଖରେ ତାଙ୍କର ଦେହାନ୍ତ ହୁଏ । ସେତେବେଳକୁ ତାଙ୍କର ବୟସ ଥିଲା ୩୯ । ଗୁରୁଦତ୍ତ ଭାରତୀୟ ଚଳଚ୍ଚିତ୍ର ଇତିହାସର ଅନ୍ୟତମ ପ୍ରଭାବଶାଳୀ ଏବଂ ସ୍ମରଣୀୟ ବ୍ୟକ୍ତିତ୍ୱ ଭାବରେ ଚିହ୍ନିତ । ସେ ଏମିତି ଜଣେ ଶିଳ୍ପୀ ଯିଏ ବାଣିଜ୍ୟିକ ସୀମା ଡେଇଁ ମାନବ ମନସ୍ତତ୍ତ୍ୱର ଜଟିଳତା ଏବଂ ଗଭୀରତା ଅନୁସନ୍ଧାନରେ ତାଙ୍କ ଚଳଚ୍ଚିତ୍ର ବ୍ୟବହାର କରିଛନ୍ତି । ତାଙ୍କ ସିନେମାଗୁଡିକରେ ଥାଏ ଗଭୀର ଆତ୍ମ ବିଶ୍ଳେଷଣ ଏବଂ କାବ୍ୟିକ ସମ୍ବେଦନଶୀଳତା ଯେଉଁଠି ଅପୂର୍ଣ୍ଣ ଆକାଂକ୍ଷା ହତାଶା ଓ ସୃଷ୍ଟିଶୀଳ ଆତ୍ମାର ନିଃସଙ୍ଗତା ଚଳଚ୍ଚିତ୍ରର କେନ୍ଦ୍ରରେ ଥାଏ । ଯେତେବେଳେ ମୂଳଧାରାର ଚଳଚ୍ଚିତ୍ର ଥିଲା ନିର୍ଦ୍ଦିଷ୍ଟ ଏକ ଗଣ୍ଡିରେ ବନ୍ଧା ସେତେବେଳେ ଗୁରୁଦତ୍ତ ସାହସିକତାର ସହିତ କାବ୍ରିକତା ଓ ରାଜନୀତି ବ୍ୟକ୍ତିଗତ ସାର୍ବଜନୀନ ଚେତନାର ସମିଶ୍ରଣ ଘଟାନ୍ତି । ତାଙ୍କ ଜୀବନ ଅକାଳରେ ଶେଷ ହୋଇଯାଇଥିଲା । ମୃତ୍ୟୁବେଳେ ସେ 'ଲଭ ଆଣ୍ଡ ଗଡ' ଏବଂ ନିଜ ପ୍ରଯୋଜନାରେ 'ବାହାରେ ଫିରଭି ଆଏଙ୍ଗି' ଚଳଚ୍ଚିତ୍ରରେ ଅଭିନୟ କରୁଥିଲେ । ଏ ଦୁଇଟିଯାକ ଚଳଚ୍ଚିତ୍ର ପରେ ଅନ୍ୟ ଅଭିନେତାମାନେ (ଯଥାକ୍ରମେ ସଂଜୀବ କୁମାର ଏବଂ ଧର୍ମେନ୍ଦ୍ର) ସଂପୂର୍ଣ୍ଣ କରନ୍ତି । ତାଙ୍କ ଚଳଚ୍ଚିତ୍ର ସମୂହ ଆଜି ବି ବିଶ୍ୱବ୍ୟାପି ଅଧ୍ୟୟନର ବିଷୟ । ଗୁରୁଦତ୍ତଙ୍କର ଚଳଚ୍ଚିତ୍ର କେବଳ ସମୟକୁ ଅତିକ୍ରମ କରିନି ବରଂ ସମୟ ସହିତ ଆହୁରି ଗଭୀର ହେଇଛି । ତାଙ୍କ ଶିଳ୍ପକର୍ମ ଆଜି ବି ଆମ ହୃଦୟକୁ ସ୍ପର୍ଶ କରେ ଏବଂ ପ୍ରତିଟି ପ୍ରଜନ୍ମ ପାଖରେ ନୂଆହେଇ ଧରାଦିଏ ।

*ସଂଚାର ମାର୍ଗ, ଢେଙ୍କାନାଳ ୭୫୯୦୦୧*

*(ଲେଖକ ସକ୍ରିୟ ସାମ୍ବାଦିକତାରୁ ଗଣମାଧ୍ୟମ ଶିକ୍ଷା କ୍ଷେତ୍ରକୁ ଆସିଛନ୍ତି । ମତାମତ ବ୍ୟକ୍ତିଗତ ।)*

# ନୀତିଶିକ୍ଷା: ଯୁକ୍ତି ନିରର୍ଥକ



ଭବତୋଷ ତ୍ରିପାଠୀ

ମହାନ୍ ଆଧ୍ୟାତ୍ମିକ ଗୁରୁ ଶ୍ରୀରାମକୃଷ୍ଣ ପରମହଂସ ଗୋଟିଏ କାଳୀ ମନ୍ଦିରର ପୂଜକ ଥିଲେ । ତାଙ୍କର କିଛି ଆନୁଷ୍ଠାନିକ ଶିକ୍ଷାଦୀକ୍ଷା ନ ଥିଲା । କେବଳ ନିଜ ନାମ ଦସ୍ତଖତ କରିବା ପାଇଁ କିଛି ଅକ୍ଷର ଜାଣିଥିଲେ ମାତ୍ର । ଯଦିଓ ସେ କେବେ କୌଣସି ଧର୍ମଶାସ୍ତ୍ର ପାଠ କରିନଥିଲେ, ତଥାପି ମା' କାଳୀଙ୍କୁ କିପରି ଭଲ ପାଇବାକୁ ହେବ ତାହା ସେ ଜାଣିଥିଲେ ।

ନରେନ ନାମକ ଜଣେ ବାଳକ ଯିଏକି ତାଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ କରିଥିଲେ, ଏବଂ ପରବର୍ତ୍ତୀ ସମୟରେ ସ୍ୱାମୀ ବିବେକାନନ୍ଦ ନାମରେ ସେ ବିଶ୍ୱ ବିଖ୍ୟାତ ହୋଇଥିଲେ, ସେ ପ୍ରାୟ ତାଙ୍କୁ ଦେଖା କରିବାକୁ ଆସୁଥିଲେ । ସେତେବେଳକୁ ନରେନଙ୍କୁ ମାତ୍ର ଅଠର ବର୍ଷ ବୟସ ହୋଇଥିଲା । ସେହି ବୟସରେ ମଧ୍ୟ ସେ ପ୍ରଚଣ୍ଡ ଜ୍ଞାନୀ ଓ ଅସାଧାରଣ ସୃଜନୀଶକ୍ତିର ଅଧିକାରୀ ହୋଇସାରିଥିଲେ । ଥରେ ସେ ତାଙ୍କ ଗୁରୁ ଠାକୁର ରାମକୃଷ୍ଣ ପରମହଂସଙ୍କୁ ପ୍ରଶ୍ନକଲେ, –"ଠାକୁର ! ଏ କଥା କିପରି ସମ୍ଭବ ଯେ ଆପଣ ମା' କାଳୀଙ୍କୁ ମା' ବୋଲି ଡାକୁଛନ୍ତି ? ମନ୍ଦିରତ ମାତ୍ର ତିରିଶ ବର୍ଷର ପୁରୁଣା ଏବଂ ଯେଉଁ ଶିଳ୍ପୀ କାଳୀ ମୂର୍ତ୍ତି ଗଢ଼ିଥିଲେ ତାଙ୍କୁ ସେତେବେଳେ ବାଉନ ବର୍ଷ ହୋଇଥିଲା । କିଛି ନ ହେଲେବି ମା' କାଳୀ କନ୍ୟାହେଲେ ଶିଳ୍ପୀ ତାଙ୍କର ପିତା ହେବେ । ଆପଣଙ୍କ ବୟସ ତ ବର୍ତମାନ ଚାଳିଶ ବର୍ଷ । ଆପଣ କିପରି ମା' କାଳୀଙ୍କ ପୁତ୍ର ହେବେ ?"

ରାମକୃଷ୍ଣ ପରମହଂସ ଚୁପ୍‌ଚାପ୍ ବସି ନରେନ୍‌ଙ୍କର ସମସ୍ତ ଯୁକ୍ତି ଶୁଣି ସାରିବା ପରେ କହିଲେ, – " ତୁମେ କ'ଣ ସବୁ କହୁଛ, ମୁଁ କିଛି ବୁଝିପାରୁ ନାହିଁ । ମୁଁ କେବଳ ଏତିକି ଜାଣିଛି ଯେ, ସେ ମୋ ମା' । ଠିକ୍ ଅଛି, ତୁମ ପାଇଁ ଆଜି ରାତିରେ ମୁଁ ତାକୁ ପଚାରିବି ସେ କିପରି ମୋ ମା' ହେଲା ଏବଂ ଆସନ୍ତା କାଲି ତା'ର ଉତ୍ତର ମୁଁ ତୁମକୁ ଦେବି ।'

ପରଦିନ ସେ ଯେତେବେଳେ ନରେନ୍‌ଙ୍କୁ ଦେଖିଲେ କହିଲେ, – " ମୁଁ କାଲି ରାତିରେ ମା' ପାଖକୁ ଯାଇ କହିଲି ବୁଦ୍ଧିମାନ ନରେନ୍ ମୋତେ ପ୍ରଶ୍ନ କରୁଛି ତୁ କିପରି ମୋ ମା' ହେଲୁ ?" ମା' କହିଲେ, –" ନରେନ୍‌କୁ କହିଦିଅ ମୁଁ କେବଳ ତୁମର ମା' ନୁହେଁ, ମୁଁ ନରେନ୍‌ର ମଧ୍ୟ ମା' ଏବଂ ଶିଳ୍ପୀ ତଥା ଯେତେ ଏ ପୃଥିବୀରେ ଜନ୍ମ ଗ୍ରହଣ କରିଛନ୍ତି ଏବଂ ଜନ୍ମ ଗ୍ରହଣ କରିବା ଅପେକ୍ଷାରେ ଅଛନ୍ତି, ମୁଁ ସମସ୍ତଙ୍କର ମା' ।'

**ମର୍ମବାଣୀ :** ଭଗବାନ ଆମ ମାତା ଓ ପିତା । ଯେଉଁଠାରେ ଦିବ୍ୟ ପ୍ରେମର ସଂପର୍କ ଗଢ଼ିଉଠେ, ସେଠାରେ ବୌଦ୍ଧିକ ଯୁକ୍ତି ନିରର୍ଥକ । ଆମେ ସମସ୍ତେ ସେଇ ବିଶ୍ୱନିୟନ୍ତ୍ରୀ ଜଗଜ୍ଜନନୀଙ୍କ ସନ୍ତାନ । ସରଳତା ବଳରେ ଯେଉଁ ଈଶ୍ୱରକୃପା ଉପଲବ୍ଧ ହୁଏ, ତାହାହିଁ ସତ୍ୟ ଏବଂ ସେହି ସତ୍ୟ ସରଳତାର ସୁଗନ୍ଧରେ ଉଦ୍ ?ଭାସିତ । ଯାହାକୁ ଐଶ୍ୱରିକ ପ୍ରେମ ଓ କରୁଣା ପ୍ରାପ୍ତ ହେବ, ତାହା ନିକଟରେ ବିଶ୍ୱର ସକଳ ଜ୍ଞାନ ତୁଚ୍ଛ ।

*ପାର୍ବତୀପୁର, ପୁରୀ*
*ମୋ - ୯୦୯୦୧୭୨୧୬୭*

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
**ଶ୍ରୀ ଲୋକନାଥ ରୋଡ଼, ହାତୀଶାଳ,**
**ପୁରୀ-୭୯୭୮୪୬୪୬୩୯**



**ମେଷ ରାଶି-** ଏହି ମାସଟି ଆପଣଙ୍କର ଭଲରେ ଯିବ.ଦେହ ସୁସ୍ଥ ରହିଲେ ମଧ ଆଶଙ୍କାରେ ରହିବେ.ଆୟ ମଧ୍ୟମ ଧରଣର ହେବ.ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ.ବ୍ୟବସାୟରେ ଉତ୍ତମଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ ।

**ବୃଷ ରାଶି -** ଏହି ମାସଟି ଖୁବ ଭଲରେ ଯିବ । ଦେହ ଓ ମନ ଭଲ ରହିବ.ଆୟ ଆପଣଙ୍କର ଅତ୍ୟନ୍ତ ଭଲ ହେବ.ପାରିବାରିକ ଜୀବନ ଆନନ୍ଦ ଉଲ୍ଲାସ ରେ କାଟିବେ.ବ୍ୟବସାୟରେ ଭଲ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ ।

**ମିଥୁନ ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିବ.ଦେହ ପ୍ରାୟ ଭଲ ରହିବ । ଆୟ ଭଲ ହେବ । ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି ହେବ । ବ୍ୟବସାୟରେ ମଧ୍ୟମଲାଭ ପାଇବେ । ବିଦ୍ୟାର୍ଥୀମାନେ ପଢ଼ାରେ ଅନାଗ୍ରହୀ ହୋଇପାରନ୍ତି ।

**କର୍କଟ ରାଶି -** ମାସଟି ଆପଣଙ୍କ ସେତେ ଶୁଭଦାୟକ ନୁହେଁ । ଦେହ ସୁସ୍ଥ ରହିବ କିନ୍ତୁ ମନ ସାମାନ୍ୟ ବିଭ୍ରାନ୍ତ ହୋଇପାରେ । ଆୟ ମଧ୍ୟମ ହେବ । ପାରିବାରିକ ଜୀବନରେ କିଛି ଅପ୍ରୀତି ହୋଇପାରେ । ବ୍ୟବସାୟରେ ମଧ୍ୟମ ଫଳ । ବିଦ୍ୟାର୍ଥୀମାନେ ପରିଶ୍ରମ ଅନୁଯାୟୀ ଫଳପାଇବେ ।

**ସିଂହ ରାଶି -** ମାସଟି ଆପଣଙ୍କର ଫଳ ମଧ୍ୟମ ରହିବ । ଦେହ ସାମୟିକ ପୀଡା ହେବ ଓ ମନ ଅଶାନ୍ତି ରହିବ । ଆୟ ହ୍ରାସ ଘଟିବ । ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେବ. ବ୍ୟବସାୟରେ କ୍ଷତିର ସମ୍ଭାବନା । ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିପାରନ୍ତି ।

**କନ୍ୟା ରାଶି -** ମାସଟି ଆପଣଙ୍କର ସୁଖରେ କଟିବ । ଦେହ ଓ ମନ ସାଧାରଣତଃ ଭଲ ରହିବ । ଆୟ ଆପଣଙ୍କର ବୃଦ୍ଧି ହେବ.ପାରିବାରିକ ଜୀବନ ସୁଖସମୃଦ୍ଧି ରେ କଟିବ. ବ୍ୟବସାୟରେ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାପଢିରେ ଆଗେଇବେ ତଥା ଶୁଭଫଳ ପାଇବେ ।।

**ତୁଳା ରାଶି -** ମାସଟି ଆପଣଙ୍କର ଅତ୍ୟୋତ୍ତମ ରହିବ । ଦେହ ଓ ମନ ସାଧାରଣତଃ ଭଲ ରହିବ । ଆୟ ଉତ୍ତମ ଧରଣର ରହିବ । ପାରିବାରିକ ଜୀବନ ସୁଖଶାନ୍ତିରେ କାଟିବେ । ବ୍ୟବସାୟରେ ଭଲ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାପଢିରେ ସୁଫଳ ପାଇବେ ।

**ବିଛା ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳ ରହିବ । ଦେହ ଓ ମନ ପ୍ରାୟ ଭଲ ରହିବ.ଆୟ ମଧ୍ୟମ ହେବ । ପାରିବାରିକ ଜୀବନ ସାମାନ୍ୟ ଶାନ୍ତିରେ କାଟିବେ.ବ୍ୟବସାୟରେ ଲାଭ ଏବଂ କ୍ଷତି ପ୍ରାୟ ସମାନ । ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ ।

**ଧନୁ ରାଶି -** ମାସଟି ଆପଣଙ୍କର ଶୁଭ ନୁହେଁ । ରୋଗ ପୀଡା ଲାଗି ରହିପାରେ । ଆୟ ବ୍ୟୟ ସମାନ.ପାରିବାରିକ ଜୀବନରେ କିଛି ଅଶାନ୍ତି ଦେଖାଦେବ । ବ୍ୟବସାୟରେ ଆପଣଙ୍କର କ୍ଷତି ହୋଇପାରେ.ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ ଦେବେନାହିଁ ।

**ମକର ରାଶି -** ମାସଟି ଆପଣଙ୍କର କିଛି ଅଶୁଭଦାୟକ ରହିବ । ଦେହ ଭଲ ରହିଲେ ମଧ୍ୟ ମନ ଭଲ ନରହିପାରେ.ଆୟ ହ୍ରାସ ଯୋଗ ରହିଛି । ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେବ । ବ୍ୟବସାୟରେ ଫଳ ମଧ୍ୟମ ରହିବ । ବିଦ୍ୟାର୍ଥୀମାନେ ପଢ଼ାରେ ପଛେଇବେ ।

**କୁମ୍ଭ ରାଶି -** ମାସଟି ଆପଣଙ୍କର ଅତି ଭଲରେ କଟିବ.ଦେହ ପ୍ରାୟ ଭଲ ରହିବ । ଆୟ ବୃଦ୍ଧି ହେବ.ପାରିବାରିକ ଜୀବନ ସୁଖଶାନ୍ତିରେ କାଟିବେ । ବ୍ୟବସାୟରେ ଲାଭବାନ ହେବେ । ବିଦ୍ୟାର୍ଥୀମାନେ ପଢ଼ାରେ ଆନନ୍ଦ ସହ ଆଗେଇବେ ।

**ମୀନ ରାଶି -** ଏହି ମାସଟି ଆପଣଙ୍କର ଫଳ ମଧ୍ୟମ ଧରଣର ରହିବ । ଦେହ ଓ ମନ ପ୍ରାୟ ଉତ୍ତମ ରହିବ.ଆୟ ସାଧାରଣ ଭାବେ ଭଲ ହେବ । ପାରିବାରିକ ଜୀବନ ସାମାନ୍ୟ ଶାନ୍ତିରେ କାଟିବେ । ବ୍ୟବସାୟରେ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ଅଗ୍ରଗତି କରିବେ ।

# The Ratha Yatra of Shri Jagannath

Jayanta Narayan Panda

Orissa the Land of festivals is known world-wide during the monsoon for the spectacular festival, Ratha Yatra or the Car Festival of Shri Jagannath. Among twelve major festivals, viz. the Snana Yatra, the Ratha Yatra, the Sayan Yatra, the Dakshinayana Yatra, the Parswaparivartan Yatra, the Utthapana Yatra, the Pravarana Yatra, the Pusyabhisheka Yatra, the Uttarayana Yatra, the Dola Yatra, the Damanaka Yatra and the Akshaya Trutiya Yatra are celebrated inside the temple of Lord Jagannath ; The Ratha Yatra or the Car Festival of Lord deserves special mention. This festival draws millions of tourists both in-land and foreigners to the Grand Road. And the deities come down from the main temple to the Grand Road to meet the ocean of pilgrims. Preparations for the festival start much before. Every year new chariots are constructed. Only the 'Sarathi' (charioteer), Ghoda (horses), Kalasa (Crowning element) and Parswa devatas are not made new every year. They are prepared on the year of Navakalebara (New-body ceremony). In terms of the provisions laid down in the Puri Car Festival code, it is the responsibility of the Forest Department of Govt. of Orissa to supply the required timber for construction of the Rathas free of cost every year. As a matter of practice, the Divisional Forest Officers of Nayagarh and Khurda have been supplying 72 Nos. of Fasi, 729 Nos. of Asan, Dhaura timbers and 274 Nos. of D.F.O. Nayagarh have been supplying 3 Nos. of Simuli timbers for last some years. Now a days the availability of Fasi species of trees has become a problem in Nayagarh Division, as a result of which the D.F.O. Nayagarh has to procure the Fasi trees from other Divisions to supply the same to the Temple Administration. Like previous years the D.F.O. Nayagarh sends first truck load of timber before 'Basanta Panchami' and the rest of the timbers reaches in a phased manner. The construction of the Rathas starts on the Akshaya Trutiya day. The progress of construction is monitored regularly by a team of officials. The Executive Engineer, R & B, Puri Division, Puri is reviewing the progress from time to time. Total number of 92 Maharanas, 81 Bhois, 22 Kamars and 22 Rupakaras are engaged in the construction work of the Rathas. To cover the Rathas 14 number of Darajis (tailors) prepare the Rath Mandani. Allied materials in connection with the car festival are collected by the temple administration well in advance. The car ropes are supplied by the Kerala Coir Corporation. The clothes for Rathmandani are procured from the Orissa Textile Mills. The lagi cloth of the Lords are prepared by the traditional weavers where as Basunga Patta (Silken thread) are arranged by the State Tassar and Silk Cooperative Society. Salresins are procured locally, Til oil is supplied by Consumer Col operative Federation. Sandal wood stock has been procured from the Karnataka Govt. and musk is given from the office stock. Arrangements for the car festival is reviewed in the Temple Co-ordination Committee and the time table for the great festival is approved in the Temple Managing Committee meeting. As specified in the Puri Car Festival Code, meetings of the District level Coordination Committee under the chairmanship of the Revenue Divisional Commissioner (CD) are held in regular intervals wherein thread-bare discussions relating to arrangements of all the line Department are held. The District Collector takes the meeting of a group of dedicated officers very often who are kept in charge of supervision of



allied arrangements, viz. sanitation, drinking water, light arrangement, temporary shed, distribution of essential commodities, transport arrangement etc. The Superintendent of Police take care of the police arrangements. All the three chariots after being constructed and decorated traditionally are dragged to the Lions gate in the afternoon of the day preceding Sri Gundicha. The S.P. Puri provides man power for the same. On the day of Sri Gundicha 'Ratha Pratistha' is performed by the 'Deul Purohita' and then the divine procession of the deities start from the temple to the cars, which is known as 'Pahandi'. Thousands of people buy tickets and go inside the temple to have a darshan of the Lords during their 'Pahandibije'. First 'Sudarsana' is carried to the Car of 'Subhadra' and then comes 'Balabhadra' in a procession. 'Subhadra' is taken to her Car like 'Sudarsana'. towards his Car and is held tightly by the Daitapatis in their arms and pulled from the behind by other sevakas. The floral head-gear gives an enchanting look when the deities make their way to the Cars placed on the Grand Road. Then 'Madanmohan' is taken to the Cars by the 'Mahajan' Sevakas. Then the police picket waiting near the palace of Maharaja escort the 'Gajapati Maharaja' to the Cars, where, as the first sevaka of the Lord, he performs 'Chhera Pahanra' and after offering his prayers he goes back to his palace. The Chariot of Lord Balabhadra is called 'Taladhwaja'. Its height is 13.2 metres. It has got 14 wheels. Matali is the charioteer of this Car. Four wooden horses of black colour fixed to the chariot are known as Tibra, Ghora, Dirghasrama and Swarnanabha. Vasuki serves the Car as Car rope. The Car is wrapped in red and green clothings. The Chariot of Goddess Subhadra is known as Deva Dalan, Darpadalan or Padma Dhwaja. Its height is 12.9 metres. It has got 12 wheels. The name of the Sarathi is Arjun. Four wooden horses of red in colour attached to the Chariot are called Rochika, Mochika, Jita and Aparajita. The Car rope is called Swarnachuda. The Car is wrapped in black and red clothings. The Chariot of Lord Jagannath is called Nandighosha. It has a height of 13.5 metres. There are 16 wheels in this Car. The name of the Charioteer is Daruka. Four white wooden horses fixed to the Car are known as Sankha, Balahaka, Sweta and Haridaswa. Sankhachuda serves as Car rope in this Car. The Car is wrapped in red and yellow clothings. When the Cars are dragged from Rathakhala to the Lions Gate, the Car of Lord Jagannath moves first. When the Cars are dragged on the Grand Road with the deities mounted, the Car of Lord Balabhadra is dragged first. At Gundicha Temple when the Cars are made ready before the return journey, the Car of 'Subhadra' is taken first.When the wheels roll on the Grand Road people forgetting their caste, creed and sex extend their hands to just touch the Car-rope and pull it. Time here in Orissa does not sleep in the ancient caves, it rolls through these wheels of progress. The trinity along with 'Sudarsana' stays at the Gundicha Temple otherwise known as the 'garden house' by many till Navami. Millions of people visit Gundicha Temple to have a darshan of the Lord. This temple is also known as Adhapa Mandap, Jagna Mandap, Jagna Vedi and Janakapuri. On the 10th day of the Asadha, the return journey begins. Goddess Lakshmi who has not escorted the Lord in this journey meets Him near the palace of the Gajapati Maharaja. On the next day, the deities are nicely decorated in golden costume and millions of people gather here to have the darshan of the Lords in this costume. Then after two days the Lords return to Their abode after purifying the sinful and thus the Ratha Yatra come to an end. Though the 'Daitapatis' have got a major role to play in this grand festival, other sevakas viz. Pati Mahapatra, Mudirasta, Pujapanda, Puspalaka, Mahajan, Bhitarachha, Mekap, Pratihari, Akhanda, Muduli, Khataseja, Garabadu., Changeda, Khuntia, Mukha Pakhal, Darpania, Pania Apat, Ghatuari, Bhandar Mekap, Suar Badu, Dhopakhal, Rosa Paika, Lenka, Patri Badu, Suddha Suara, Ballav Jogania, Mahasuara, Kothabhoga Pania, Pradhani, Hadap Nayak, Bidia Jogania, Ghantua, Bajantri, Chhatara, Kahalia, Talichha, Asthan Pratihari, Badu Suara, Bindua, Pagua, Tolabadu, Chanapua, Thali Suar, Biribuha, HandiJogania, Amalu Suar, Bidua, Pantibadu, Bahara Pantibadu, Bahar Deuli Suar, Datta Mohapatra, Olhar, Chatara, Kanti Mahasuar, Tadhau Karana, Deula Karana, Deula Purohita, Dayanamali, Bimanbadu, Parba Jatra Jogania, Maharana, Bhoi, Rupakara, Chitrakara, Daraji, Dahuka etc. have got certain roles to play either in connection with the performance of the rituals or construction of the chariots. Even the Gajapati Maharaja is associated with certain rituals. Now since the Car festival of Lord Jagannath has become an international festival, it is observed in more than 60 countries. In spite of that millions of people road their way to Puri to have a darshan of the Lords on the Car. Millions of people switch on their T.V. sets to have a glance of the festival through direct telecast.



ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୩ ତମ ପାଳିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ପଚାରି ବୁଝିବା ଅବସରରେ।





ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଙ୍କୁଲାଚ଼ଟୀ ସ୍ଥିତ ପିଏମ୍ ଶ୍ରୀ ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୬୭ତମ ପ୍ରତିଷ୍ଠା ଉତ୍ସବ ତଥା ବାର୍ଷିକ ଉତ୍ସବ ପାଳନ ସମାରୋହରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବା ଅବସରରେ ବାର୍ଷିକ ପୁସ୍ତିକା ଉନ୍ମୋଚନ କରୁଛନ୍ତି । ଏହି ଅବସରରେ ଚ଼ିଲିକା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତ୍ସ୍ନା ବେହେରା, ଚ଼ିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ,ଜିଲ୍ଲା ପରିଷଦ ସଭ୍ୟା ମମତା ପାଇକରାୟ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରିଣୀ ସୋନାମିକା ରାୟ, ଚ଼ିଲିକା ବିଡ଼ିଓ ସୁଶ୍ରୀ ପୁନମ ମହାପାତ୍ର, ଚ଼ିଲିକା ମଣ୍ଡଳ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପାତ୍ରଙ୍କ ସମେତ ବହୁ ପ୍ରମୁଖ ବ୍ୟକ୍ତି ବିଶେଷ ଗଣ ଉପସ୍ଥିତ ଥିଲେ।



ଦେଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ (୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ବର୍ଗ) ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛବା ଅବସରରେ।



ଉତ୍କଳ ସାହିତ୍ୟ ସମାଜର ୧୨୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି ଜୀ ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତରେ ଓଡିଆ ସଂସ୍କୃତି ଓ ସାହିତ୍ୟର ମହାନ ପ୍ରବକ୍ତା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମର୍ଯ୍ୟାଦାଜନକ 'ଉତ୍କଳ ରତ୍ନ' ସମ୍ମାନରେ ସମ୍ମାନିତ କରୁଛନ୍ତି।



ବିଏଆର୍‌ସି ସ୍ନାତକ ସମାରୋହରେ ବୈଜ୍ଞାନିକ ଅଧିକାରୀମାନଙ୍କୁ ସମ୍ବୋଧିତ କରୁଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପି. କେ. ମିଶ୍ର ।

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍'

### ୧୨୪ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କଲେ ମୋଦୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୨୪ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଭାରତର ସମୃଦ୍ଧ ଜ୍ଞାନ ପରମ୍ପରା ଓ ଜୈବ ବିବିଧତାର ସଂରକ୍ଷଣ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଉପରେ ସେ ଆଲୋକପାତ କରିଥିଲେ। 'ଜ୍ଞାନ ଭାରତ ମିସନ'ର ଘୋଷଣାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହି ମିସନ ଆଗାମୀ ପିଢ଼ିକୁ ଭାରତର ଆତ୍ମା ସହିତ ଯୋଡ଼ିବାର ଏକ ମାଧ୍ୟମରେ ପରିଣତ ହେବ। ଏଆଇଠାରୁ ମହାକାଶ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆଜି ମୋଦୀ ଆଲୋକପାତ କରିଥିଲେ। ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତର ସମୃଦ୍ଧ ଜ୍ଞାନ ପରମ୍ପରା ଓ ଜୈବବିବିଧତାକୁ ବଞ୍ଚାଇବା ପାଇଁ ସମଗ୍ର ଦେଶରେ ପ୍ରୟାସ କରାଯିବ।



ଏହାଦ୍ୱାରା ଆମର ପ୍ରାଚୀନ ଜ୍ଞାନ କେବଳ ବହି କିମ୍ବା କାନ୍ଥରେ ସୀମିତ ରହିବ ନାହିଁ, ବରଂ ନୂଆ ପିଢ଼ିର ଚିନ୍ତାଧାରାର ଏକ ଅଂଶ ହୋଇଯିବ। ଏହି ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସରକାର ଚଳିତ ବର୍ଷ ବଜେଟରେ 'ଜ୍ଞାନ ଭାରତ ମିସନ' ଆରମ୍ଭ କରିଛନ୍ତି। ଏହି ମିସନ ଅଧୀନରେ ସାରା ଦେଶରେ ଥିବା ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକୁ ଡିଜିଟାଇଜ୍ କରାଯିବ। ଏହାପରେ ଏକ ଜାତୀୟ ଡିଜିଟାଲ ଭଣ୍ଡାର ସୃଷ୍ଟି କରାଯିବ, ଯେଉଁଠାରେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱର ଛାତ୍ରଛାତ୍ରୀ ଓ ଗବେଷକମାନେ ଭାରତୀୟ ଜ୍ଞାନ ପରମ୍ପରା ସହ ଯୋଡ଼ି ହୋଇପାରିବେ। ଶୁଭାଂଶୁ ଶୁକ୍ଲାଙ୍କ ପ୍ରତ୍ୟାବର୍ତ୍ତନ ଏକ ଗର୍ବିତ ମୁହୂର୍ତ୍ତ ମହାକାଶରୁ ଶୁଭାଂଶୁ ଶୁକ୍ଲାଙ୍କ ପ୍ରତ୍ୟାବର୍ତ୍ତନକୁ ପ୍ରଧାନମନ୍ତ୍ରୀ ଏକ ଗର୍ବିତ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ। ଶୁଭାଂଶୁ ସୁରକ୍ଷିତ ଭାବେ ପୃଥିବୀରେ ଅବତରଣ କରିବା ମାତ୍ରେ ଖୁସିର ଲହର ଖେଳିଯାଇଥିଲା। ମୋର ମନେ ଅଛି, ୨୦୨୩ ଅଗଷ୍ଟରେ ଯେତେବେଳେ ଚନ୍ଦ୍ରଯାନ-୩ ସଫଳ ଅବତରଣ କରିଥିଲା, ସେତେବେଳେ ଦେଶରେ ଏକ ନୂତନ ବାତାବରଣ ସୃଷ୍ଟି ହୋଇଥିଲା। ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ଓ ମହାକାଶକୁ ନେଇ ଏକ ନୂଆ ଉତ୍ସୁକତା ମଧ୍ୟ ଜନ୍ମ ନେଇଥିଲା। ଛୋଟ ଛୋଟ ପିଲାମାନେ ଏବେ କହୁଛନ୍ତି ଯେ ଆମେ ମଧ୍ୟ ମହାକାଶକୁ ଯିବୁ, ଚନ୍ଦ୍ରରେ ଅବତରଣ କରିବୁ ଏବଂ ଆମେ ମହାକାଶ ବୈଜ୍ଞାନିକ ହେବୁ ବୋଲି ମୋଦୀ କହିଥିଲେ।

## ଲଜିଷ୍ଟିକ୍ସ ପ୍ରଣାଳୀ ସୁଦୃଢ଼ ହେଲେ ଦେଶର ସୀମା ମଜବୁତ ହେବ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ




ଗୁଜରାଟ ଭଦୋଦରାରେ ଗତି ଶକ୍ତି ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଏଥିରେ ମନ୍ତ୍ରୀ ରାଜନାଥ ସିଂହ ମୁଖ୍ୟ ଅତିଥି ରୂପେ ଯୋଗଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ଲଜିଷ୍ଟିକ୍ସ କ୍ଷେତ୍ରକୁ ଏକବିଂଶ ଶତାବ୍ଦୀର ଭାରତରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର କ୍ଷେତ୍ର ଭାବେ ଅଭିହିତ କରିଥିଲେ। ସେ କହିଥିଲେ, ଏହି କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅପାର ସୁଯୋଗ ରହିଛି। ଏହି ଅବସରରେ ସେ ବିକଶିତ ଭାରତ ନିର୍ମାଣର ଦାୟିତ୍ୱ ନେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।



ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ରାଉରକେଲାର ଉନ୍ନତି ଲାଗି ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ନାଲକୋର କର୍ପୋରେଟ୍ କାର୍ଯ୍ୟାଳ ପରିଦର୍ଶନ କଲେ ରାଜ୍ୟପାଳ




**ଭୁବେନଶ୍ୱର:** ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ନାଲକୋ (ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିଃ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ନାଲକୋର ଚେୟାରମ୍ୟାନ-ତଥା-ମ୍ୟାନେଜିଂ ଡାଇରେକ୍ଟର ବିଜେନ୍ଦ୍ର ପ୍ରତାପ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ କମ୍ପାନୀର କାର୍ଯ୍ୟଧାରା ସଂପର୍କରେ ଆଲୋଚନା କରି ନାଲେକା ସିଏସ୍‌ଆର ଅଧିନରେ ରାଜ୍ୟର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ଆଣିବା ପାଇଁ ସକ୍ରିୟ ପଦେକ୍ଷପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛନ୍ତି। ନାଲକୋ ସିଏସ୍‌ଆର ର ଏକ ଅଂଶ ଭାବେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୁଷ୍ଟିକର ପରିପୂରକ



କାର୍ଯ୍ୟକ୍ରମ ହାତକୁ ନେବାକୁ ରାଜ୍ୟପାଳ ଅନୁରୋଧ କରିଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ସହଯୋଗମୂଳକ ପ୍ରୟାସ ପାଇଁ ପବ୍ଲିକ ସେକ୍ଟର ଅଣ୍ଡରେଟକିଂ, ସରକାରୀ ବିଭାଗ ଏବଂ ସିଭିଲ ସୋସାଇଟି ଅନୁଷ୍ଠାନକୁ ସାମିଲ କରାଯାଇ ଏକ ବୈଠକ କରିବାକୁ ଯୋଜନା କରାଯାଇଛି ବୋଲି ରାଜ୍ୟପାଳ କହିଥିଲେ। ନାଲେକାର ସ୍ଥିର ଲାଭଦାୟକତା ଏବଂ ଜାତୀୟ ବିକାଶେର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

## ଜାତୀୟ ଶିକ୍ଷା ନୀତି -୨୦୨୦ର ୫ ବର୍ଷ ପୂର୍ତ୍ତି

# ବିକଶିତ ଭାରତର ସ୍ୱପ୍ନ ସାକାର କରିବାରେ ଜାତୀୟ ଶିକ୍ଷା ନୀତି ସବୁଠୁ ପ୍ରଭାବଶାଳୀ ଅସ୍ତ୍ର: ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ/ଭୁବନେଶ୍ୱର:** 'ବିକଶିତ ଭାରତ' କେବଳ ଏକ ଭିଜନ ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା କାମକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ଶକ୍ତିଶାଳୀ ଆହ୍ୱାନ । ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ଜାତୀୟ ଶିକ୍ଷା ନୀତି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଜାତୀୟ ଶିକ୍ଷା ନୀତି ୨୦୨୦ର ୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଅଖିଳ ଭାରତୀୟ ଶିକ୍ଷା ସମାଗମ (ଏବିଏସଏସ)-୨୦୨୫କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଗୌରବମୟ ଅବସରରେ ଭାରତର ଶିକ୍ଷା ଏବଂ




ମହାକାଶ କ୍ଷେତ୍ରରେ ଅଗ୍ରଣୀ ଅବଦାନକୁ ସ୍ୱୀକୃତି ଦେଇ ଶ୍ରୀ ପ୍ରଧାନଙ୍କ ସମେତ ସମ୍ମାନିତ ବ୍ୟକ୍ତିମାନେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହା ପରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଜୟନ୍ତ ଚୌଧୁରୀ ଜାତୀୟ ଶିକ୍ଷା ନୀତିର ପଞ୍ଚମ ବାର୍ଷିକୀରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ମଧ୍ୟ ପଠନ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ସ୍ୱାକ୍ଷରତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରାୟ ୪,୦୦୦ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପର ଅନାବରଣ କରିଥିଲେ । ଏହି ପ୍ରକଳ୍ପରେ ଶିକ୍ଷା କ୍ଷେତ୍ରରେ ନୂଆ ଉପକ୍ରମ, ପଦକ୍ଷେପ, ନୂଆ କ୍ୟାମ୍ପସର ଉଦଘାଟନ ସହ ଅନେକ ପ୍ରକଳ୍ପର ଶିଳାନ୍ୟାସ ଅନ୍ତର୍ଭୁକ୍ତ । ଏହି ଅବସରରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ୨୦୨୦ର ପାଞ୍ଚ ବର୍ଷ ସଫଳ ସମାପନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିବର୍ତ୍ତନକାରୀ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଭାରତର ଅଭିବୃଦ୍ଧିରେ ଶିକ୍ଷାର ବଡ଼ ଭୂମିକା ରହିବ ବୋଲି ପ୍ରଧାନମନ୍ତ୍ରୀଙ୍କ ମନରେ ରହିଛି ।

# ପ୍ରହଲ୍ଲାଦ ଯୋଶୀଙ୍କୁ ଭେଟିଲେ କେ ଭି ସିଂହଦେଓ

**ନୂଆଦିଲ୍ଲୀ/ଭୁବନେଶ୍ୱର:** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି । ତାଙ୍କ ଗସ୍ତ ସମୟରେ ସେ ଓଡ଼ିଶାର ସାଂସଦମାନଙ୍କ ସହିତ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସାକ୍ଷାତ କରିଛନ୍ତି । ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ଆଲୋଚନା କରିଛନ୍ତି ଏବଂ ଏଫସିଆଇ ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି । ଖରିଫ ୨୦୨୪-୨୫ ସମୟରେ ଓଡ଼ିଶା ରେକର୍ଡ ପରିମାଣର ୯୨,୬୪,୨୩୫ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଛି, ଯାହା ୬୨,୬୨,୦୮୬ ମେଟ୍ରିକ ଟନ୍ ଚାଉଳ ସହିତ ସମାନ, ଯାହା ରାଜ୍ୟ ଇତିହାସରେ ଏପର୍ଯ୍ୟନ୍ତ ସର୍ବାଧିକ ସଂଗ୍ରହ । ଖରିଫ ଏବଂ ରବି ଫସଲ ସମେତ ରାଜ୍ୟର ବ୍ୟବହାର ପରେ, ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳକା ରହିଛି, ଯାହାକୁ ଏଫସିଆଇ ଉଠାଇବା ଆବଶ୍ୟକ । ଏଫସିଆଇ ଦ୍ୱାରା ବଳକା ଚାଉଳ ସ୍ଥାନାନ୍ତରର ଧୀର ଗତି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ଦେଉଛି ।



## 'ଓଡ଼ିଶାରେ ଅସୁରକ୍ଷିତ ମହିଳା, ଶୋଇଛନ୍ତି ସରକାର'

# ସଂସଦ ବାହାରେ ବିଜେଡ଼ି ସାଂସଦଙ୍କ ପ୍ରତିବାଦ



**ନୂଆଦିଲ୍ଲୀ:** ରାଜ୍ୟରେ ନାରୀ ଅସୁରକ୍ଷିତ ହେଲେ ଓଡିଶାର ବିଜେପି ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ନେଇ ପୁଣି ଥରେ ଅଭିଯୋଗ ଆଣି ସଂସଦ ବାହାରେ ପ୍ରତିବାଦ କରିଛନ୍ତି ବିଜେଡି ସାଂସଦମାନେ । ଏଫଏମ କଲେଜ ପ୍ରସଙ୍ଗ ଉଠାଇ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ସାଂସଦ ନାରାବାଜି ସହ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି । ଛାତ୍ରୀ ମୃତ୍ୟୁ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି କରିଛି ବିଜେଡ଼ି । ତେବେ ବାଲେଶ୍ୱର ଘଟଣା ଠାରୁ ବଳଙ୍ଗା ଯାଏଁ ମହିଳା ଅସୁରକ୍ଷିତ ନେଇ ବିଜେଡି ଅଭିଯୋଗ ଆଣିବା ସହ ରାଜ୍ୟରେ ମୋହନ ସରକାର ଶୋଇଥିବା କହିଛନ୍ତି ସାଂସଦ ସସ୍ମିତ ପାତ୍ର । ଓଡ଼ିଶାରେ ମହିଳା ଏବଂ ଶିଶୁ ଅସୁରକ୍ଷିତ । ଡବଲ ଇଞ୍ଜିନ ସରକାରରେ ମହିଳାଙ୍କୁ ନ୍ୟାୟ ମିଳୁନି । ଏକଥା ସଂସଦ ଶୁଣୁ, କେନ୍ଦ୍ର ସରକାର ଶୁଣନ୍ତୁ ଏବଂ ଓଡ଼ିଶାର ମହିଳାଙ୍କୁ ସୁରକ୍ଷା ମିଳୁ, ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି । ସେହିପରି ସାଂସଦ ସୁଲତା ଦେଓ କହିଛନ୍ତି- ଓଡିଶା ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉ ଆଉ ମହିଳାଙ୍କ ନ୍ୟାୟ ମିଳୁ । ଡବଲ ଇଞ୍ଜିନ ଆମ ଓଡ଼ିଶାକୁ ଦ୍ରୁତ ଗତିରେ ଲଜ୍ଜା ଆଡ଼କୁ ନେଉଛୁ ବୋଲି ସୁଲତା ଟାର୍ଗେଟ୍ କରିଛନ୍ତି ।

# କେନ୍ଦୁଝରର ସଂକୀର୍ତ୍ତନ ମଣ୍ଡଳୀ ଓ ମୟୂରଭଞ୍ଜର ସାନ୍ତାଳୀ ଶାଢ଼ିକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

## ମନ୍ କି ବାତ୍

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୨୪ତମ ରେ ସମ୍ବୋଧିତ କରୁଛନ୍ତି । ଆଜି ଏହି କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣରେ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶାର କେନ୍ଦୁଝରର ସଂକୀର୍ତ୍ତନ ମଣ୍ଡଳୀ ଏବଂ ମୟୂରଭଞ୍ଜର ସାନ୍ତାଳୀ ଶାଢ଼ି ସମ୍ପର୍କରେ କହିଛନ୍ତି । ଲୋକଗୀତ ଆମ ଦେଶର ସଂସ୍କୃତିକୁ ପ୍ରଦର୍ଶନ କରେ । ସାଂସ୍କୃତିକ ସଂରକ୍ଷଣ ଏବଂ ଆତ୍ମନିର୍ଭରଶୀଳତା ଏକ ଶକ୍ତିଶାଳୀ ଏବଂ ବିକଶିତ ଭାରତ ଗଠନରେ ପ୍ରମୁଖ ସ୍ତମ୍ଭ । ପ୍ରଧାନମନ୍ତ୍ରୀ କହିଛନ୍ତି, ୧୯୦୫ ଅଗଷ୍ଟ ୭ ତାରିଖରେ ଏକ ନୂତନ ବିପ୍ଳବ ଆରମ୍ଭ ହୋଇଥିଲା । ସ୍ୱଦେଶୀ ଆନ୍ଦୋଳନ ସ୍ଥାନୀୟ ଉତ୍ପାଦ, ବିଶେଷକରି ହସ୍ତତନ୍ତରେ ନୂତନ ଶକ୍ତି ସଞ୍ଚାର କରିଥିଲା । ଏହାର ସ୍ମୃତିରେ, ଦେଶ ପ୍ରତିବର୍ଷ ଅଗଷ୍ଟ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛି । ବୟନ



ଶିଳ୍ପ ଦେଶର ଏକ ଶକ୍ତି ପାଲଟିଛି । ମହାରାଷ୍ଟ୍ରର ପାଇଥାନ ଗାଁର କବିତା ଧାଓ୍ୱାଲେ ପୂର୍ବରୁ ସ୍ଥାନ ଏବଂ ସୁବିଧା ନଥିବା ଏକ ଛୋଟ କୋଠରୀରେ କାମ କରୁଥିଲେ । ସରକାରଙ୍କ ସହାୟତାରେ, ସେ ହାତ ବୁଣା ପାଇଥାନି ଶାଢ଼ି ବିକ୍ରୟ କରି ଜୀବିକା ଅର୍ଜନ କରୁଛନ୍ତି । ଓଡ଼ିଶାର ମୟୂରଭଞ୍ଜରେ ମଧ୍ୟ ସମାନ କାହାଣୀ ରହିଛି । ଆଦିବାସୀ ମହିଳାମାନେ ସାନ୍ତାଳୀ ଶାଢ଼ିକୁ ନୂତନ ଜୀବନ ଦେଇଛନ୍ତି । ସେହିପରି ବିହାରର ନାଳନ୍ଦାର ନବୀନ କୁମାରଙ୍କ ସଫଳତା ମଧ୍ୟ ପ୍ରେରଣାଦାୟକ ରହିଛି । ମହିଳାମାନେ ସାନ୍ତାଳୀ ଶାଢ଼ିକୁ ପୁନର୍ଜୀବିତ କରୁଛନ୍ତି । ବୟନ ଶିଳ୍ପ ଆମର ସାଂସ୍କୃତିକ ଐତିହ୍ୟ । ଦେଶରେ ୩,୦୦୦ ରୁ ଅଧିକ ଷ୍ଟାର୍ଟଅପ୍ ଅଛନ୍ତି ।

# ପରିମଳ କର୍ମଚାରୀଙ୍କ ସୁରକ୍ଷା ଉପରେ ଜାତୀୟ କର୍ମଶାଳା 'ଗରିମା' ଅନୁଷ୍ଠିତ

**ଭୁବନେଶ୍ୱର:** ପରିମଳ କର୍ମଚାରୀଙ୍କ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ କର୍ମଶାଳା 'ଗରିମା' ଅବସରରେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ସେଗୁଡ଼ିକ ହେଲା ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ କର୍ମଚାରୀ) ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ପ୍ରଦାନ ସୁବିଧା । ପରିମଳ କର୍ମଚାରୀଙ୍କ ଆଶ୍ରୟ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ପ୍ରଦାନ ଏବଂ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇସି କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହା ସହିତ ପ୍ରତିବର୍ଷ ଓଡ଼ିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।






କାର୍‌ଗିଲ ବିଜୟ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ 'ଅଟଳ ପ୍ରତିଭା ସମ୍ମାନ ୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଭୁବନେଶ୍ୱର ବିଧାୟକ ବାବୁ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଯୋଗ ଦେଇଥିଲେ ।



ମୌସୁମୀ ଅଧିବେଶନରେ ନୂଆଦିଲ୍ଲୀଠାରେ ସଂସଦ ପରିସରରେ ଓଡ଼ିଶାର ସାଂସଦଗଣ ।

# ପହଲଗାମର ହମଲାର ଆତଙ୍କୀ ମାଷ୍ଟରମାଇଣ୍ଡ୍ ମୁସା ନିପାତ

**ନୂଆଦିଲ୍ଲୀ:** ଏପ୍ରିଲ ୨୨ ତାରିଖର ଜଘନ୍ୟ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ୯୭ ଦିନ ବିତିଛି । ୯୭ ଦିନ ପରେ ଭାରତୀୟ ସେନାକୁ ବଡ଼ ସଫଳତା ମିଳିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ବଦ୍‌ଲା ନେଇଛି ସେନା । ଶ୍ରୀନଗର ଉପକଣ୍ଠ ଲିଡ଼ବାସ ପାହାଡ଼ରେ ସେନାବାହିନୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଶୀର୍ଷ ଲସ୍କର କମାଣ୍ଡର ସୁଲେମାନ ଶାହ ଓରଫ ମୁସା ଫେଜି ସମେତ ୩ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିଛି । ନିପାତ ହୋଇଥିବା ଅନ୍ୟ ୨ ଆତଙ୍କବାଦୀ ହେଉଛନ୍ତି ଅବୁ ହମ୍‌ଜା ଏବଂ ୟସିର । ଗତବର୍ଷ ଶ୍ରୀନଗର-ସୋନମାର୍ଗ ରାଜପଥରେ ଏକ ଟନେଲ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୭ ଜଣ ଲୋକଙ୍କ ହତ୍ୟା ଘଟଣାରେ ମଧ୍ୟ ମୁସା ସମ୍ପୃକ୍ତ ଥିଲା । ଜମ୍ମୁ କାଶ୍ମୀର ପୁଲିସ, ସିଆରପିଏଫ ଓ ସେନାର ଏକ ମିଳିତ ବାହିନୀ ଆଜି ସକାଳେ 'ଅପରେସନ୍ ମହାଦେବ' ଆରମ୍ଭ କରିଥିଲେ । ୩ ବିଦେଶୀ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ପାଇବା ପରେ ମହାଦେବ ପର୍ବତ ନିକଟସ୍ଥ ଶ୍ରୀନଗରର ଦଚିଗାମ ଅଞ୍ଚଳରେ ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା । ଜବରବନରୁ ମହାଦେବ ପର୍ବତମାଳା ମଧ୍ୟରେ ଏହି ଅପରେସନ୍ କରାଯାଇଥିବାରୁ ଏହାର ନାଁ ଦିଆଯାଇଛି 'ଅପରେସନ୍ ମହାଦେବ' ।



## ଲୋକସଭାରେ 'ଅପରେସନ ସିନ୍ଦୁର' ଉପରେ ସ୍ୱତନ୍ତ୍ର ଆଲୋଚନା

# କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦେଲେ ସୂଚନା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ''ଅପରେସନ୍ ସିନ୍ଦୁର' ଜରିଆରେ ଆତଙ୍କବାଦୀ ଶିବିର ଏବଂ ଆତଙ୍କବାଦୀଙ୍କୁ ନିଶ୍ଚିହ୍ନ କରିଥିଲେ ଏବଂ ''ଅପରେସନ୍ ମହାଦେବ' ଜରିଆରେ ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ନିଶ୍ଚିହ୍ନ କରିଛନ୍ତି ସେନା, ସିଆରପିଏଫ୍ ଏବଂ ଜେ ଆଣ୍ଡ କେ ପୋଲିସ ଦ୍ୱାରା ମିଳିତ 'ଅପରେସନ୍ ମହାଦେବ' ରେ ପହଲଗାମ ଆକ୍ରମଣରେ ସମ୍ପୃକ୍ତ ତିନି ଜଣ ଆତଙ୍କବାଦୀ-ସୁଲେମାନ୍ ଓରଫ୍ ଫୈଜାଲ୍ ଜାଟ୍, ହମଜା ଆଫଗାନି ଏବଂ ଜିବ୍ରାନ୍ ନିହତ ହୋଇଥିଲେ । ଆତଙ୍କବାଦୀ ନିହତ ହେବାର ଖବର ଶୁଣିବା ପରେ ବିରୋଧୀଙ୍କ ମଧ୍ୟରେ ମଧ୍ୟ ଖୁସିର ଲହର ଆସିବାର ଥିଲା, କିନ୍ତୁ ଏହା ପରିବର୍ତ୍ତେ, ସେମାନଙ୍କ ମୁହଁ



ବିଷାଦରେ କଳା ପଡିଯାଇଛି । ସେତେବେଳେ ବିରୋଧୀ ସରକାର ସମୟରେ ଗୃହମନ୍ତ୍ରୀ ପ୍ରମାଣ ମାଗିଥିଲେ ଯେ 'ଆତଙ୍କବାଦୀମାନେ ପାକିସ୍ତାନରୁ ଆସିଥିଲେ', ଯାହାଦ୍ୱାରା ବିଧିବଦ୍ଧ ଭାବେ ପାକିସ୍ତାନକୁ କ୍ଲିନ୍ ଚିଟ୍ ମିଳିଥିଲା । ପାକିସ୍ତାନକୁ ସୁରକ୍ଷା ଦେବା ପାଇଁ ବିରୋଧୀଙ୍କ ଷଡ଼ଯନ୍ତ୍ର ୧.୪ କୋଟି ଭାରତୀୟଙ୍କ ସମ୍ମୁଖରେ ପ୍ରକାଶ ପାଇଛି; ବିରୋଧୀ ଆଉ ଉତ୍ତରଦାୟିତ୍ୱ ଏଡ଼ାଇ ପାରିବେ ନାହିଁ । ମୋଦୀ ସରକାରଙ୍କ ଅଧୀନରେ, ଆମ ସେନା ପାକିସ୍ତାନରେ ପ୍ରବେଶ କରିଥିଲା ଏବଂ ବିରୋଧୀ ଦଳର ଶାସନ କାଳରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ ଅପରାଧୀମାନଙ୍କୁ ନିପାତ କରିଥିଲା ମୋଦୀ ସରକାରଙ୍କ ଅଧୀନରେ, ଆତଙ୍କବାଦୀ ଆକ୍ରମଣର ଜବାବରେ ଦସ୍ତାବିଜ ପଠାଯାଏ ନାହିଁ; ଆତଙ୍କବାଦୀ ଏବଂ ସେମାନଙ୍କର ଆଡ୍ଡା ଧ୍ୱଂସ କରାଯାଏ । ଅପରେସନ ସିନ୍ଦୁର ପାକିସ୍ତାନକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉନ୍ମୁକ୍ତ କରିଦେଇଥିଲା ଏବଂ ଆମ ସେନା ପାକିସ୍ତାନର ଯୁଦ୍ଧ କ୍ଷମତାକୁ ଧ୍ୱଂସ କରିଦେଇଥିଲା ବୋଲି ସଂସଦରେ ନିଜର ବକ୍ତବ୍ୟ ଦେବା ଅବସରରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିବା ସହ ଏହା କହିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ।



ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡ଼ିଶାର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟି ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ଜୀବନଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିବା ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ।



ଲୋକସେବା ଭବନ ଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ଆୟୋଜିତ ଏକ ଆଲୋଚନାଚକ୍ରରେ ଉପସ୍ଥିତ ରହି ବିଭାଗ ପକ୍ଷରୁ ହେଉଥିବା ଟେଣ୍ଡର ପ୍ରକ୍ରିୟାକୁ ଏଆଇ ସହାୟତାରେ କିଭଳି ସରଳୀକୃତ କରାଯାଇପାରିବ ଏବଂ ହେଉଥିବା ନିର୍ମାଣ କାର୍ଯ୍ୟ ଗୁଡିକୁ ନିର୍ଦ୍ଦିଷ୍ଟ ସମୟରେ ବିଭାଗ ପକ୍ଷରୁ କିଭଳି ତଦାରଖ ଓ ମନିଟରିଂ କରାଯାଇପାରିବ, ସେ ବିଷୟରେ ବିଶେଷ ଆଲୋଚନା କରିଥିଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

# 'ବୀମା ସଖୀ ଯୋଜନା'ର ଶୁଭାରମ୍ଭ କଲେ ଶିବରାଜ ସିଂହ ଚୌହାନ



**ନୂଆଦିଲ୍ଲୀ:** ବୀମା ସଖୀ ଯୋଜନା' ସମ୍ପର୍କରେ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ 'ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ 'ବୀମା ସଖୀ ଯୋଜନା'ର ଶୁଭାରମ୍ଭ ହୋଇଛି । ଏହି ଯୋଜନା କେବଳ ମହିଳା ସଶକ୍ତୀକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ନୁହେଁ, ବରଂ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରାଞ୍ଚଳ ଭାରତକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଦିଗରେ ମଧ୍ୟ ଏକ ଉଲ୍ଲେଖନୀୟ ପଦକ୍ଷେପ । କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ମହିଳାଙ୍କୁ ଆତ୍ମନିର୍ଭରଶୀଳ ଏବଂ ଆର୍ଥିକ ଭାବରେ ସଶକ୍ତ କରିବାକୁ ପ୍ରତିବଦ୍ଧ ।' କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଭାରତ ସରକାରଙ୍କ ମିଶନ '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା'କୁ ସାକାର କରିବା ପାଇଁ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା କରିଛି ।



ଭୁବନେଶ୍ୱର ମଞ୍ଚେଶ୍ୱର ଶିକ୍ଷାଞ୍ଚଳସ୍ଥିତ ବନବାସୀ କଲ୍ୟାଣ ଆଶ୍ରମରେ ଅନ୍ତେବାସୀମାନଙ୍କ ସହିତ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୨୪ ତମ ସଂସ୍କରଣ ଶୁଣିଥିଲେ ମୁଖ୍ୟମନ୍ତ୍ରୀ । ଆଜିର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜର ସାନ୍ତାଳୀ ଶାଢ଼ୀ ବାବଦରେ ଉଲ୍ଲେଖ କରିବା ସହ କେନ୍ଦୁଝର ଜିଲ୍ଲାର କୀର୍ତ୍ତନ ମଣ୍ଡଳୀର ପ୍ରୟାସକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମ ଜନପ୍ରତିନିଧି ଓ ଜନତାଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ସହ ଏକ 'ବିକଶିତ ଭାରତ' ଗଠନ ଦିଗରେ ମାର୍ଗଦର୍ଶନ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

# ପ୍ରଳୟ କ୍ଷେପଣାସ୍ତ୍ରର କ୍ରମାଗତ ଦୁଇଟି ସଫଳ ପରୀକ୍ଷଣ କଲା ଡିଆର୍‌ଡିଓ

**ନୂଆଦିଲ୍ଲୀ:** ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପ୍ରଳୟ କ୍ଷେପଣାସ୍ତ୍ର ପ୍ରଣାଳୀର କ୍ରମାଗତ ଦୁଇଟି ସଫଳ ପରୀକ୍ଷଣ କରିଛି । ଓଡ଼ିଶା ଉପକୂଳସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଜୁଲାଇ ୨୮ ଏବଂ ୨୯ ତାରିଖ ଦୁଇ ଦିନ ଧରି ଏହି ପରୀକ୍ଷଣ କରାଯାଇଥିଲା । ସର୍ବାଧିକ ଏବଂ ସର୍ବନିମ୍ନ ଦୂରତାରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ଲକ୍ଷ୍ୟଭେଦ କ୍ଷମତାକୁ ପ୍ରମାଣିତ କରିବା ଲାଗି ବ୍ୟବହାରକାରୀ ମୂଲ୍ୟାଙ୍କନ ପରୀକ୍ଷଣର ଅଂଶବିଶେଷ ସ୍ୱରୂପ ଏହି ପରୀକ୍ଷଣ କରାଯାଇଥିଲା । କ୍ଷେପଣାସ୍ତ୍ରଗୁଡ଼ିକ ନିର୍ଦ୍ଦିଷ୍ଟ ଗତିପଥକୁ ସଠିକ୍ ଭାବରେ ଅନୁସରଣ କରିଥିଲେ ଏବଂ ସମସ୍ତ ପରୀକ୍ଷଣ ଉଦ୍ଦେଶ୍ୟ ପୂରଣ କରି ସମ୍ପୂର୍ଣ୍ଣ ସଠିକତା ସହିତ ଲକ୍ଷ୍ୟଭେଦ କରିଛନ୍ତି । ସମସ୍ତ ଉପ-ପ୍ରଣାଳୀ ଆଶା ଅନୁଯାୟୀ କାର୍ଯ୍ୟ



କରିଥିଲା । ନିର୍ଦ୍ଦିଷ୍ଟ ପ୍ରଭାବ ବିନ୍ଦୁ ନିକଟରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣଗୁଡ଼ିକ ସମେତ ସମନ୍ୱିତ ପରୀକ୍ଷଣ ଘାଟି ଦ୍ୱାରା ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ସଂଗୃହିତ ପରୀକ୍ଷଣ ତଥ୍ୟ ବ୍ୟବହାର କରି ଏହାକୁ ଯାଞ୍ଚ କରାଯାଇଥିଲା । ପ୍ରଳୟ ହେଉଛି ଏକ ସ୍ୱଦେଶୀ ଭାବରେ ବିକଶିତ କଠିନ ପ୍ରପେଲାଣ୍ଟ କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । ଉଚ୍ଚ ସଠିକତା ସୁନିଶ୍ଚିତ କରିବା ପାଇଁ ଏହା ଅତ୍ୟାଧୁନିକ ମାର୍ଗଦର୍ଶନ ଏବଂ ଦିଗ ନିର୍ଣ୍ଣୟ ପ୍ରଣାଳୀକୁ ବ୍ୟବହାର କରିଥାଏ । ଏହି କ୍ଷେପଣାସ୍ତ୍ର ବିଭିନ୍ନ ଲକ୍ଷ୍ୟ ବିରୁଦ୍ଧରେ ସଂଖ୍ୟାଧିକ ପ୍ରକାରର ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ । ଡିଆରଡିଓର ବରିଷ୍ଠ ବୈଜ୍ଞାନିକ, ବ୍ୟବହାରକାରୀ ପ୍ରତିନିଧି ରୂପେ ଭାରତୀୟ ବାୟୁସେନା ଏବଂ ସ୍ଥଳସେନାର ବରିଷ୍ଠ ଅଧିକାରୀଙ୍କ ସହିତ ଶିଳ୍ପ ପ୍ରତିନିଧିମାନେ ଉଡ଼ାଣ ପରୀକ୍ଷଣ ଦେଖିଥିଲେ ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅତ୍ମନିର୍ଭର ଭାରତ: ପ୍ରତିରକ୍ଷା...

Weapon (SAAW) & Glide Bombs: ଏହି ଉନ୍ନତ ସ୍ୱଦେଶୀ ବମ୍ ରକ୍ଷା ଢାଞ୍ଚା ଓ ଏୟାରସ୍ଟ୍ରିପ୍ ପ୍ରତି ନିଶାନା ଲଗେଇ ଅପରେସନ୍ ସିନ୍ଦୂରରେ ସଫଳ ହୋଇଥିଲେ। Advanced Towed Artillery Gun System (ATAGS): ଯଦିଓ ଏହା ଅପରେସନ୍ ସିନ୍ଦୂରରେ ସାକ୍ଷାତ ଉପସ୍ଥିତି ଥିଲା କି ନାହିଁ ସ୍ପଷ୍ଟ ନୁହେଁ, ତଥାପି ଏହାର ସ୍ୱଦେଶୀ ଉନ୍ନତି ଭାରତର ଆଗାମୀ ଯୁଦ୍ଧ ରଣନୀତିରେଅଂଶ ହେବ। Light Combat Aircraft (LCA) Tejas: ଏହା ଅପରେସନ୍ ସିନ୍ଦୂରରେ ସିଧାସଳଖ ଭୂମିକା ନେଇନଥିଲେ ମଧ୍ୟ, ଏହି ସ୍ୱଦେଶୀ ବିମାନ ଆମ ଏୟାରଫୋର୍ସର ଗୌରବ ଓ ଭାଗୀଦାର ହେବାରେ ସଫଳ। ଅପରେସନ୍ ସିନ୍ଦୂର ଏକ ସୈନିକ କାର୍ଯ୍ୟାନୁଷ୍ଠାନ ଭଳି ଲାଗିଥିଲେ ମଧ୍ୟ ଏହା ଏକ ଗଭୀର ରାଷ୍ଟ୍ରୀୟ ଅଭିଯାନ- ଏକ ଅତ୍ମନିର୍ଭର ଭାରତ ଗଢ଼ିବା ଦିଗରେ ଏକ ମାଇଲଷ୍ଟୋନ୍। ଏହି ଅଭିଯାନ ଭାରତୀୟ ଡିଫେନ୍ସ ଶିଳ୍ପର ସ୍ୱାଭିମାନ, ସାମର୍ଥ୍ୟ ଓ ଉନ୍ନତ ରଣନୀତିକୁ ସାମ୍ନାକୁ ଆଣିଛି। ଓଡ଼ିଶା ପରି ରାଜ୍ୟ ଯେଉଁଠାରେ DRDO ପରୀକ୍ଷା କେନ୍ଦ୍ର ଅଛି, ସେଠାରୁ ଆରମ୍ଭ କରି ଜାତୀୟ ତଳରେ ଯୁବ ଉଦ୍ୟମୀ, ଗବେଷକ, ଇଞ୍ଜିନିୟରମାନେ ଏହି ଅତ୍ମନିର୍ଭର ପ୍ରତିରକ୍ଷା ଯାତ୍ରାର ସହଯାତ୍ରୀ ହେଉଛନ୍ତି। ଭାରତର ପ୍ରତିରକ୍ଷା ଅତ୍ମନିର୍ଭରତା କେବଳ ଏକ ଅର୍ଥନୈତିକ ଅଭିଯାନ ନୁହେଁ, ଏହା ଜାତିୟ ଗରିମା, ସ୍ୱାଭିମାନ ଓ ଗୌରବର ସଙ୍ଗେ ସଂପୃକ୍ତ। ଓଡ଼ିଶାର ଯୁବ ଶକ୍ତି, ଗବେଷଣା ପ୍ରତିଷ୍ଠାନ ଓ ଉଦ୍ୟମୀମାନେ ଏହି ଅଭିଯାନକୁ ଅବଶ୍ୟ ନୂତନ ଉଚ୍ଚତାକୁ ନେଇଯିବେ।

### ଭାରତକୁ ଟ୍ରମ୍ପଙ୍କ...

ଥରେ ମହାନ କର ! ବୋଲି ଟ୍ରମ୍ପ୍ କହିଛନ୍ତି। ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ କହିଛନ୍ତି ଯେ, ଦେଶଗୁଡ଼ିକ ପାଇଁ ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ୧ ଅଗଷ୍ଟରୁ କୌଣସି ବିଳମ୍ବ ବିନା କାର୍ଯ୍ୟକାରୀ ହେବ। ଲୁଟନିକ୍ କହିଛନ୍ତି ଯେ, ଲକ୍ଷ୍ୟ କରାଯାଇଥିବା ଦେଶଗୁଡ଼ିକ ପାଇଁ ନୂତନ ଶୁଳ୍କ ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହେବ। ସେ ସ୍ପଷ୍ଟ ଭାବରେ କହିଛନ୍ତି,ତେଣୁ କୌଣସି ବୃଦ୍ଧି ନାହିଁ, ଆଉ କୌଣସି ସ୍ଥଗିତ ନାହିଁ। ଅଗଷ୍ଟ ୧ ରୁ ଶୁଳ୍କ ସ୍ଥିର ହୋଇଛି। ସେଗୁଡ଼ିକ କାର୍ଯ୍ୟକାରୀ ହେବ। କଷ୍ଟମ୍ସ ଟଙ୍କା ସଂଗ୍ରହ କରିବା ଆରମ୍ଭ କରିବ, ଏବଂ ଆମେ ଆଗକୁ ବଢ଼ିବୁ। ଏହାର ଅର୍ଥ ହେଉଛି ଏବେ କୌଣସି ଛାଡ଼ ରହିବ ନାହିଁ ବୋଲି ସେ କହିଛନ୍ତି।

### ଦାଉ ସାଧିଲେ ଟ୍ରମ୍ପ...

ଧରି ଆଲୋଚନା କରୁଛନ୍ତି। ସେହି ଲକ୍ଷ୍ୟ ପ୍ରତି ଆମେ ପ୍ରତିବଦ୍ଧ ରହିଛୁ। ଆମ ଚାଷୀ, ଉଦ୍ୟୋଗୀ, ଏମଏସ୍ଏମ୍ଇର ସୁରକ୍ଷା ଓ ପ୍ରସାରକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଆକାଶମାର୍ଗରୁ...

ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁ ଖାଦ୍ୟ ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କର ଯେପରି କେ ?ଣସି ସମସ୍ୟା ହେବନି ସେଥିପାଇଁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ମାଗଣା ରୋଷଘର ବ୍ୟବସ୍ଥା କରାଯାଇଛି। ଏଥିରେ ପ୍ରାୟ ୧୦ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବାବେଳେ ଆଗାମୀ ୭ଦିନ ପର୍ଯ୍ୟନ୍ତ ସମସ୍ତଙ୍କୁ ରନ୍ଧା ଖାଦ୍ୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାବ୍ୟତୀତ ବନ୍ୟା ପରବର୍ତ୍ତୀ ସମୟରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇଁ ଜଳ ଉତ୍ସଗୁଡ଼ିକର ବିଶୁଦ୍ଧକରଣ ଉପରେ ଗୁରୁତ୍ୱ ଦିଆଯାଇଛି। କୌଣସି ପରିସ୍ଥିତିରେ ବି ଯେପରି ଡାଇରିଆ ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସାପ କାମୁଡ଼ା ଭଳି ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ୍ ? ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି।

### ବଳଙ୍ଗା ପୀଡ଼ିତାଙ୍କର...

ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସମସ୍ତ ଆଇନଗତ ଦିଗକୁ ଦୃଷ୍ଟିରେ ରଖାଯାଇ ତଦନ୍ତ କରାଯାଉଛି। ନାବାଳିକାଙ୍କର ଚିକିତ୍ସା ଜାରି ରହିଥିବାରୁ ପୁଲିସ ପକ୍ଷରୁ ଅତି ସତର୍କତାର ସହିତ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଏସପି କହିଛନ୍ତି।

## ରାଷ୍ଟ୍ରପତିଙ୍କ ୩ବର୍ଷ ପୂର୍ତ୍ତିରେ ରାଷ୍ଟ୍ରପତି ଭବନରେ ବିଭିନ୍ନ କାର୍ଯ୍ୟକ୍ରମ






**ନୂଆଦିଲ୍ଲୀ:** ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜର କାର୍ଯ୍ୟାଳୟରେ ତିନି ବର୍ଷ ପୂରଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ କାର୍ଯ୍ୟକାଳର ତୃତୀୟ ବର୍ଷ ପୂରଣ କରିବା ସହିତ, ରାଷ୍ଟ୍ରପତି ଭବନରେ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଅଂଶଗ୍ରହଣ କରିଥିଲେ । ଏହି ସମସ୍ତ ପ୍ରୟାସର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟରେ କହିଛନ୍ତି ଗତ ତିନି ବର୍ଷ ମଧ୍ୟରେ ଅନେକ ନିଷ୍ପତ୍ତି ନିଆଯାଇଛି ଏବଂ କାର୍ଯ୍ୟ କରାଯାଇଛି ଯାହା ନାଗରିକମାନଙ୍କର ରାଷ୍ଟ୍ରପତି ଭବନ ସହିତ ଅଧିକ ସଂଯୋଗ ବୃଦ୍ଧି କରିଛି। ସମାଜର ସମସ୍ତ ବର୍ଗ, ବିଶେଷକରି ଅବହେଳିତ ଏବଂ ପଛୁଆ ବର୍ଗଙ୍କୁ ଦେଶର ବିକାଶ ଯାତ୍ରା ସହିତ ପ୍ରଭାବଶାଳୀ ଭାବରେ ଯୋଡ଼ିବା ପାଇଁ ଆମର ସର୍ବଦା ପ୍ରୟାସ ଜାରିରହିଛି । ଦିବ୍ୟାଙ୍ଗଜନଙ୍କ ପାଇଁ ରାଷ୍ଟ୍ରପତି ଭବନ ଅଧିକ ସୁଗମ ହୋଇଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ନୂତନ ପଦକ୍ଷେପ ନିଆଯିବ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ।




ନୂଆଦିଲ୍ଲୀଠାରେ ଜନଜାତି ସଂପ୍ରଦାୟର ବିକାଶ ପାଇଁ ସର୍ବବୃହତ ଜନଜାତି ଗ୍ରାମ ବିକାଶ ଯୋଜନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ କହିଥିଲେ ଯେ, ଗତ ୧୧ ବର୍ଷ ମଧ୍ୟରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ବଜେଟ ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ଏହା ସହିତ ଆରମ୍ଭ ହୋଇଛି 'ପ୍ରଧାନମନ୍ତ୍ରୀ ଯୁଗ' କାର୍ଯ୍ୟକ୍ରମ, ଯାହାକି ୫ କୋଟି ଜନଜାତି ଲୋକଙ୍କୁ ଉପକୃତ କରିଛି । କେବଳ ଏତିକି ନୁହେଁ ଜଙ୍ଗଲ ଅଧିକାର ଆଇନ, ଜନଜାତି ସଶକ୍ତୀକରଣ ପାଇଁ ଛାତ୍ରବୃତ୍ତି ଆଦି ସଫଳତାର ସହ ଆରମ୍ଭ ହୋଇଛି ବୋଲି ନିଜର ମତବ୍ୟକ୍ତରେ ରାଷ୍ଟ୍ରପତି ମତବ୍ୟକ୍ତ କରିଥିଲେ।



ଲୋକସେବା ଭବନରେ ଛତିଶଗଡ଼ ସହ ମହାନଦୀ ଜଳ ଆବଣ୍ଟନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ରାଜ୍ୟର ବରିଷ୍ଠ ଅଧିକାରୀ ଯୋଗଦେଇଛନ୍ତି ।

## ବିଶ୍ୱର ଲୋକପ୍ରିୟ ନେତା ତାଲିକାରେ ପୁଣି ୧ ନମ୍ବରରେ ରହିଲେ ମୋଦୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱ ସମ୍ମୁଖରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ସେ ପୁଣି ଥରେ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ଭାବରେ ଉଭା ହୋଇଛନ୍ତି। ଆମେରିକୀୟ ବ୍ୟବସାୟିକ ଗୁଇନ୍ଦା କମ୍ପାନୀ ମର୍ଣ୍ଣିଂ କନସଲ୍ଟ ଜୁଲାଇ ୨୦୨୫ର ସଦ୍ୟତମ ସର୍ଭେ ରିପୋର୍ଟ ପ୍ରକାଶ କରିଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୭୫ ପ୍ରତିଶତ ଲୋକଙ୍କ ଅନୁମୋଦନ ରେଟିଂ ମିଳିଛି, ଯେତେବେଳେ ଏହି ସର୍ଭେରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୮ ନମ୍ବରରେ ଅଛନ୍ତି। ଏହି ସର୍ଭେ ୪ ରୁ ୧୦ ଜୁଲାଇ ମଧ୍ୟରେ କରାଯାଇଥିଲା। ଏଥିରେ ୨୦ଟି ଦେଶର ନେତାଙ୍କ ମୂଲ୍ୟାଙ୍କନ ଅନ୍ତର୍ଭୁକ୍ତ ଥିଲା। ଏହି ତାଲିକାରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରେ, ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜା ମ୍ୟୁଙ୍ଗ ୫୯ ପ୍ରତିଶତ ଅନୁମୋଦନ ରେଟିଂ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୪୫ ପ୍ରତିଶତରୁ କମ୍ ଭୋଟ ସହିତ ୮ମ ସ୍ଥାନରେ ଅଛନ୍ତି।

## ଓଡ଼ିଶା ଟେକ୍ସ ୨୦୫ ଏକ୍ସପୋ କର୍ମଶାଳା ଅନୁଷ୍ଠିତ




**ଭୁବନେଶ୍ୱର:** ଓଡ଼ିଶାର ପରିଧାନ ଶିଳ୍ପ ପ୍ରାଚୀନ ଓ ଆମ ପାଇଁ ଗର୍ବର ବିଷୟ । ସମ୍ବଲପୁରୀ ବସ୍ତ୍ର, ବ୍ରହ୍ମପୁରର ରେଶମ, କେନ୍ଦୁଝର ଟସର, ଗଜପତି ଓ ମାଣିଆବନ୍ଧର କାରିଗରୀ ଦେଶବ୍ୟାପୀ ପ୍ରସିଦ୍ଧ । ଏହାକୁ ନୂଆ ଦିଗରେ ନେବାକୁ ଆମ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ଚଳିତ ବର୍ଷରେ ସାରା ଦେଶର ଘରୋଇ ନିବେଶର ୪୦ % ଓଡ଼ିଶାକୁ ଆସୁଛି, ଯାହା ଆମ ପାଇଁ ଗର୍ବର କଥା । ଆଗାମୀ ୧୦ ବର୍ଷରେ ୫ଟି ଟେକ୍ସଟାଇଲ୍ ପାର୍କ ସ୍ଥାପନ, ୫ଲକ୍ଷ ନିଯୁକ୍ତି ସୃଷ୍ଟି ଓ ସ୍ୱଦେଶୀ ବ୍ରାଣ୍ଡକୁ ବିଶ୍ୱରେ ପରିଚିତ କରାଯିବ । ମୁଁ ସମସ୍ତ କାରିଗରଙ୍କୁ ଆଶ୍ୱସ୍ତ କରୁଛି ଯେ, ସରକାର ସଦାସର୍ବଦା ତାଙ୍କ ସହିତ ଅଛନ୍ତି । ଆସନ୍ତୁ କପଡ଼ା ଓ ପୋଷାକ କ୍ଷେତ୍ରରେ ଏକ ନୂଆ ଉତ୍ସାହର ସହ କାମ କରିବା ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଏକ ନୂଆ ଐତିହ୍ୟ ଗଢ଼ିବା।



ରାଜ୍ୟପାଳ ଡ. ହରିବାବୁ କମ୍ଭମପତୀ ଜୀ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବାସଭବନକୁ ବ୍ୟକ୍ତିଗତ ଭାବେ ପରିଦର୍ଶନରେ ଆସି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଆଇନ, ନିର୍ମାଣ ଓ ଅବକାରୀ ବିଭାଗକୁ ଆହୁରି ଉତ୍କୃଷ୍ଟତା ସହ ପରିଚାଳନା କରିବା ଏବଂ ବିକାଶ ମାର୍ଗରେ ଚଳେଇବା ପାଇଁ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି।

## ମାଳଦ୍ୱୀପର ସ୍ୱାଧୀନତା ଦିବସରେ ଅତିଥି ହେଲେ ପ୍ରଧାନମନ୍ତ୍ରୀ ମୋଦୀ



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମାଲେଠାରେ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ସମାରୋହରେ 'ସମ୍ମାନିତ ଅତିଥି' ଭାବରେ ଯୋଗ ଦେଇଛନ୍ତି। ପ୍ରଥମ ଥର କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ମାଳଦ୍ୱୀପର ସ୍ୱାଧୀନତା ଦିବସ ସମାରୋହରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ପ୍ରଥମ ବିଦେଶୀ ନେତା ଯାହାଙ୍କୁ ରାଷ୍ଟ୍ରପତି ମୁଇଜୁ ଆତିଥ୍ୟ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ମାଳଦ୍ୱୀପର ରାଷ୍ଟ୍ରପତି ମହାମହିମ ଡକ୍ଟର ମହମ୍ମଦ ମୁଇଜୁଙ୍କ ସହ ରିପବ୍ଲିକ୍ ? ସ୍କୋୟାର ଠାରେ ସ୍ୱାଧୀନତା ଦିବସ ପରେଡ୍ ଦେଖିଥିଲେ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ମାଳଦ୍ୱୀପର ଜନସାଧାରଣ ଏବଂ ସରକାରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଏହି ଉତ୍ସବରେ ମାଳଦ୍ୱୀପର ଜାତୀୟ ପ୍ରତିରକ୍ଷା ବାହିନୀ ଏବଂ ଅନ୍ୟାନ୍ୟ ସ୍ଥାନୀୟ ୟୁନିଟ୍ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶିତ ହୋଇଥିଲା। ଏକ ଆଧୁନିକ ରାଷ୍ଟ୍ର ଭାବରେ ମାଳଦ୍ୱୀପର ସଫଳତା ଉପରେ ଆଧାରିତ ସାଂସ୍କୃତିକ ପ୍ରଦର୍ଶନର ଏକ ଧାରାବାହିକ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଷ୍ଟ୍ରପତି ମୁଇଜୁ ଏବଂ ମାଳଦ୍ୱୀପର ଜନସାଧାରଣଙ୍କୁ ସେମାନଙ୍କ ସାଦର ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଇଥିଲେ। ସ୍ୱାଧୀନତା ଦିବସ ସମାରୋହରେ 'ସମ୍ମାନିତ ଅତିଥି' ଭାବରେ ତାଙ୍କର ଯୋଗଦାନ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ମାଇଲଖୁଣ୍ଟ।




କେରଳ ସ୍ଥିତ ଆଇଆଇଟି ପାଲକ୍କଡର ଶିକ୍ଷାନୁଷ୍ଠାନର ସପ୍ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବା ଅବସରରେ।



ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ପାଠକଙ୍କୁ ନ୍ୟାୟାଧୀଶ ଭାବରେ ଶପଥ ଗ୍ରହଣ କରାଯାଉଛନ୍ତି ଓଡ଼ିଶାର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ୍




ପୁରୀ ପୌର ସଦନ ଠାରେ ଆୟୋଜିତ '୨୦ତମ ଗୁରୁଦକ୍ଷିଣା- ୨୦୨୫' ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଷିଶ ଖୁଂଟିଆ ଏବଂ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେବା ଅବସରରେ।

## ଆୟକର ବିଭାଗ, ଓଡ଼ିଶା କ୍ଷେତ୍ର ପକ୍ଷରୁ ୧୬୬ତମ ଆୟକର ଦିବସ ପାଳିତ




**ଭୁବନେଶ୍ୱର:** ଆୟକର ବିଭାଗ, ଓଡ଼ିଶା କ୍ଷେତ୍ର ପକ୍ଷରୁ ୧୬୬ତମ ଆୟକର ଦିବସ ଭୁବନେଶ୍ୱରର ଜୟଦେବ ଭବନଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାରମିତା ଶତପଥୀ ତ୍ରିପାଠୀ, ଓଡ଼ିଶା କ୍ଷେତ୍ରର ପ୍ରମୁଖ ମୁଖ୍ୟ ଆୟକର କମିଶନର, ଯୋଗ ଦେଇଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଆୟକର ବିଭାଗର ପ୍ରିନ୍ସିପାଲ ଡାଇରେକ୍ଟର (ପିଡିଆଇଟି ଆଇଏନଭି) ଡ. ସଂଦୀପ ଗୋଏଲ, ପ୍ରିନ୍ସିପାଲ ଚିଫ୍ କମିଶନର ସରୋଜ କୁମାର ମହାପାତ୍ର ଏବଂ ଭୁବନେଶ୍ୱରର ସିଆଇଟି (ପ୍ରଶାସନ ଏବଂ ଟିପିଏସ୍) ଶୋଭନ କୃଷ୍ଣ ସାହୁ ଯୋଗଦେଇଥିଲେ। ଏହି ସମାରୋହ ସ୍ୱେଚ୍ଛାକୃତ ଟିକସ ଅନୁପାଳନ, କରଦାତା ସେବା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଆୟକର ବିଭାଗର ନିରନ୍ତର ପ୍ରତିବଦ୍ଧତାକୁ ରୋଖାଙ୍କିତ କରିଥିଲା। ଭିଡିଓ ଅଭିଭାଷଣରେ, ସିବିଡିଟି ଅଧ୍ୟକ୍ଷ ରବି ଅଗ୍ରୱାଲ ଅଧିକ ସ୍ୱଚ୍ଛତା, ଦକ୍ଷତା, ସରଳୀକରଣ ଏବଂ ଡିଜିଟାଲାଇଜେସନ୍ ଦିଗରେ ଆୟକର ବିଭାଗର ପରିବର୍ତ୍ତନକାରୀ ଯାତ୍ରା ଉପରେ ଆଲୋକପାତ କରିଥିଲେ। ସେ ମଧ୍ୟ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ କରଦାତାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ଆୟକର ପ୍ରକ୍ରିୟାଗୁଡ଼ିକୁ ଆହୁରି ସରଳ କରିବା ଏବଂ କରଦାତା ସେବାକୁ ବୃଦ୍ଧି କରିବା ପାଇଁ ବିଭାଗର ଦୃଷ୍ଟିକୋଣକୁ ରେଖାଙ୍କିତ କରିଥିଲେ।

## ଆର୍ଥିକ ଅନ୍ତର୍ଭୂକ୍ତୀକରଣ ଉପରେ ଏସଏଲବିସି ଓଡ଼ିଶା ଏବଂ ପିଆଇବି ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ




**ନୂଆଦିଲ୍ଲୀ:** ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି। ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇସାରିଛି ଏବଂ ଏହାକୁ ତିନି ମାସର ଅବଧି ମଧ୍ୟରେ ରାଜ୍ୟର ୬,୭୯୪ଟି ଗ୍ରାମ ପଞ୍ଚାୟତରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆଜି ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୂକ୍ତିକରଣକୁ ଗଭୀର କରିବା ଏବଂ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇବାର ପ୍ରୟାସକୁ ଆହୁରି ବ୍ୟାପକ କରିବା ଲାଗି ଏସଏଲବିସି ନିଷ୍ପତ୍ତି ନେଇଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଅଭିଯାନର ଅଗ୍ରଗତି ଏବଂ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋକପାତ କରାଯାଇଛି।

## ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନକୁ ତାଙ୍କର ସରକାରୀ ଗସ୍ତ କାଳରେ ଆଜି ବ୍ରିଟେନର ପ୍ରଧାନମନ୍ତ୍ରୀ ସମ୍ମାନନୀୟ ସାର୍ କୀର୍ ଷ୍ଟାରମରଙ୍କୁ ଭେଟିଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ପ୍ରଧାନମନ୍ତ୍ରୀ ଷ୍ଟାରମର ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଦ୍ୱିପାକ୍ଷିକ ବୈଠକ କରିବା ସହ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା କରିଥିଲେ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମ୍ପୂର୍ଣ୍ଣ ପରିସରକୁ ସମୀକ୍ଷା କରିଥିଲେ ଏବଂ ଭାରତ-ବ୍ରିଟେନ ଭିଜନ ୨୦୩୫କୁ ଗ୍ରହଣ କରିଥିଲେ। ଭିଜନ ୨୦୩୫ ଦସ୍ତାବିଜ ଅର୍ଥବ୍ୟବସ୍ଥା ଏବଂ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଗବେଷଣା ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରରେ ବ୍ୟାପକ ରଣନୈତିକ ଭାଗିଦାରୀରେ ନୂଆ ଦିଶା ଆସିପାରିବ ବୋଲି ଜଣାପଡିଛି।



ସାଧାରଣ ସେବା କେନ୍ଦ୍ର ସିଏସ୍ସି ପ୍ରତିଷ୍ଠା ଦିବସର ୧୬ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ କୃଷି ଭବନଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ କ୍ରିଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ଏହି ୧୬ ବର୍ଷର ଯାତ୍ରାରେ ସରକାରଙ୍କ ଯୋଜନାସମୂହକୁ ଲୋକଙ୍କ ଘରେ ସିଧାସଳଖ ପହଞ୍ଚାଇବାରେ ରାଜ୍ୟର ୩୫୦୦୦ ସେବାକେନ୍ଦ୍ର ଯେଉଁ ଭୂମିକା ବହନ କରିଛନ୍ତି ତାହା ନିଶ୍ଚୟ ପ୍ରଶଂସନୀୟ ବୋଲି ଉଭୟ ମନ୍ତ୍ରୀ କହିଛନ୍ତି।






## ଫିଡେ ମହିଳା ବିଶ୍ୱକପ୍

# ବିଶ୍ୱ ମୁକୁଟ ପିନ୍ଧିଲେ ଦିବ୍ୟା ଦେଶମୁଖ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଜଣାଇଲେ ଅଭିନନ୍ଦନ

**ବାଟୁମି:** ଭାରତର ୧୯ ବର୍ଷୀୟା ମହିଳା ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ଫିଡେ ମହିଳା ବିଶ୍ୱକପ୍‌ରେ ସେ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ଜୀବନର ଏହି ବଡ଼ ମାଇଲଖୁଣ୍ଟ ସଫଳତା ପାଇବା ସହ ଦିବ୍ୟା ଭାରତୀୟ ମହିଳା ଚେସ୍‌କୁ ଆଗକୁ ନେଇଛନ୍ତି। ଦୁଇ ଭାରତୀୟ ଦିବ୍ୟା ଓ ଅଭିଜ୍ଞା କୋନେରୁ ହମ୍ପିଙ୍କ ମଧ୍ୟରେ ଖେଳାଯାଇଥିବା ଦୁଇ ଗେମ୍ ବିଶିଷ୍ଟ ଫାଇନାଲ୍ ଡ୍ର'ରେ ଶେଷ ହୋଇଥିଲା। ଫଳରେ ଫାଇନାଲ୍ ଟାଇବ୍ରେକ୍‌କୁ ଯାଇଥିଲା। ସୋମବାର ଖେଳାଯାଇଥିବା ଟାଇବ୍ରେକ୍‌ରେ ଦିବ୍ୟା ନିଜଠୁ ବୟସରେ ଦୁଇଗୁଣ ବଡ଼ ହମ୍ପିଙ୍କୁ ୨.୫-୧.୫ରେ ମାତ୍ ଦେଇ ଟ୍ରଫି କରାୟତ୍ତ କରିଥିଲେ। ଏହି ବିଜୟ ଦିବ୍ୟାଙ୍କୁ ଖାଲି ସମ୍ମାନଜନକ ବିଶ୍ୱକପ୍ ଟ୍ରଫି ଦେଇ ନଥିଲା, ତାଙ୍କୁ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ବିଜୟରେ ବି ସହଯୋଗ କରିଥିଲା।



ନାଗପୁର ଜନ୍ମିତ ଦିବ୍ୟା ଦେଶର ୮୮ତମ ଏବଂ ମହିଳା ଭାବେ ଦେଶର ଚତୁର୍ଥ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ଭାରତର ମହିଳା ଖେଳାଳି ହମ୍ପିଙ୍କ ସହ ଆର ବୈଶାଳି ଓ ହାରିକା ଦ୍ରୋଣାବଲୀ ଗ୍ରାଣ୍ଡମାଷ୍ଟର ଥିଲେ।

# ଅଭିଷେକ ନମ୍ବର ୧ ଟି-୨୦ ବ୍ୟାଟସମ୍ୟାନ

**ନୂଆଦିଲ୍ଲୀ:** ଜୁଲାଇ ୩୦ ତାରିଖରେ ଆଇସିସି ଫ୍ରେସ ରାଙ୍କିଂ ଜାରି କରିଛି । ଏଥିରେ ଭାରତୀୟ ଓପନର ଅଭିଷେକ ଶର୍ମା ଟି୨୦ ରେ ନମ୍ବର-୧ ବ୍ୟାଟସମ୍ୟାନ ହୋଇଛନ୍ତି। ଅଭିଷେକ କେବଳ ୧୭ଟି ମ୍ୟାଚ୍ ଖେଳି ଟି୨୦ ରେ ନମ୍ବର-୧ ବ୍ୟାଟସମ୍ୟାନ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ଅଭିଷେକ ଆଇପିଏଲରେ ତାଙ୍କ ସହିତ ଇନିଂସ ଓପନ କରିଥିବା ଟ୍ରେଭିସ୍ ହେଡଙ୍କ ମୁକୁଟ ଛଡାଇ ନେଇଛନ୍ତି। ଫଳରେ ହେଡ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ଅଭିଷେକଙ୍କ ୮୨୯ରେଟିଂ ପଏଣ୍ଟ ଥିବା ବେଳେ ହେଡଙ୍କ ୮୧୪ ପଏଣ୍ଟ ଅଛି। ଅଭିଷେକ ଶର୍ମା ପୂର୍ବରୁ ଟି୨୦ ବ୍ୟାଟସମ୍ୟାନଙ୍କ ରାଙ୍କିଂରେ ଦ୍ୱିତୀୟ ସ୍ଥାନରେ ଥିଲେ, ଟ୍ରାଭିସ୍ ହେଡ୍ ପ୍ରାୟ ୧ ବର୍ଷ ପାଇଁ ଟି୨୦ରେ ନମ୍ବର ୧ ବ୍ୟାଟସମ୍ୟାନ ଥିଲେ। ଆଇସିସିର ଶ୍ରେଷ୍ଠ ୫ଜଣ ଟି-୨୦ ବ୍ୟାଟସମ୍ୟାନଙ୍କ ତାଲିକା ନିମ୍ନରେ ପ୍ରଦତ୍ତ- ଅଭିଷେକ ଶର୍ମା (ଭାରତ) - ୮୨୯ ରେଟିଂ,ଟ୍ରାଭିସ୍ ହେଡ୍ (ଅଷ୍ଟ୍ରେଲିଆ) - ୮୧୪ ରେଟିଂ, ତିଲକ ବର୍ମା (ଭାରତ) - ୮୦୪ ରେଟିଂ, ଫିଲ୍ ସଲ୍ଟ (ଇଂଲଣ୍ଡ) - ୭୯୧ରେଟିଂ, ଜସ୍ ବଟଲର୍ (ଇଂଲଣ୍ଡ) - ୭୭୨ରେଟିଂ, ଅଭିଷେକ ଶର୍ମା ୧୭ ଟି ଆନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୧୬ ଇନିଂସରେ ୧୯୩.୮୪ ଷ୍ଟ୍ରାଇକ୍ ରେଟ୍ ରେ ୫୩୫ ରନ କରିଛନ୍ତି। ଟି-୨୦ ଆନ୍ତର୍ଜାତୀୟରେ ତାଙ୍କ ନାମରେ ୨ଟି ଶତକ ଏବଂ ୨ ଟି ଅର୍ଦ୍ଧଶତକ ଅଛି। କେବଳ ଏତିକି ନୁହେଁ ଅଭିଷେକ ଶର୍ମା ହେଉଛନ୍ତି ଭାରତ ପାଇଁ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ କରିଥିବା ବ୍ୟାଟସମ୍ୟାନ। ସେ ଇଂଲଣ୍ଡ ବିପକ୍ଷରେ ୫୪ ବଲରେ ୧୩୫ରନ କରିଥିଲେ। ୨୦୨୫ ଫେବୃଆରି ୨ ରେ ଖେଳାଯାଇଥିବା ଇନିଂସରେ ସେ ୧୩ ଟି ଛକା ଏବଂ ୭ ଟି ଚୌକା ମାରିଥିଲେ। ଅଭିଷେକ ଶର୍ମା। ଟି-୨୦ ଆନ୍ତର୍ଜାତୀୟରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ଦ୍ୱିତୀୟ ଭାରତୀୟ। ତାଙ୍କ ଆଗରେ କେବଳ ଯୁବରାଜ ସିଂହ ଅଛନ୍ତି, ଯିଏ ୨୦୦୭ ମସିହାରେ ୧୨ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ।





କଟକସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବାଇଓସ୍କୋପ ଗ୍ଲୋବାଲ୍ ଫିଲ୍ମ ଫେଷ୍ଟିଭାଲ୍- ୨୦୨୫ର ୭ତମ ସଂସ୍କରଣର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବା ଅବସରରେ ।



ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପତିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଶାସନ, ବିପର୍ଯ୍ୟୟ ପରିଚାଳନା ଏବଂ ରାଜ୍ୟର ସାମଗ୍ରିକ ବିକାଶ ସଂପର୍କରେ ଆଲୋଚନା କରିଥିଲେ। ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ କରିବା, ଭୂ ଏବଂ ରାଜସ୍ୱ ପ୍ରଶାସନକୁ ସୁବ୍ୟବସ୍ଥିତ କରିବା ଏବଂ ସାଧାରଣ ସେବା ପ୍ରଦାନେର ଉନ୍ନତି ଆଣିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

# ଜାତୀୟସ୍ତରୀୟ ମାଗାଜିନ୍ ରେ ସ୍ଥାନ ପାଇବେ କେଜିବିଭି ଛାତ୍ରୀ

**ଭୁବନେଶ୍ୱର:** ଜାତୀୟସ୍ତରୀୟ ମାଗାଜିନ୍ ରେ ସ୍ଥାନ ପାଇବ କେଜିବିଭି ଛାତ୍ରୀଙ୍କ ସଫଳତାର କାହାଣୀ । ଜାତୀୟସ୍ତରୀୟ ହାଣ୍ଡବଲ୍ ଖେଳାଳୀ ବିଭୂତି ମୁଣ୍ଡାଗାଡ଼ିଆଙ୍କ ସଫଳତାର କାହାଣୀ ଜାତୀୟସ୍ତରୀୟ ମାଗାଜିନ୍ ରେ ପ୍ରକାଶ ପାଇବ । ମାଲକାନାଗିରି ଜିଲ୍ଲା ସିନ୍ଧ୍ରିମାଳ ସ୍ଥିତ କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ହେଉଛନ୍ତି ବିଭୂତି ମୁଣ୍ଡାଗାଡ଼ିଆ । ହାଣ୍ଡବଲ୍ ଖେଳ ପ୍ରତି ଥିବା ତାଙ୍କର ଶ୍ରଦ୍ଧା ଓ ସମର୍ପଣ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚୟ ପ୍ରଦାନ କରିଛି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ କୃତୀତ୍ୱ ହାସିଲ୍ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ଏକ ମାଗାଜିନ୍ ପ୍ରସ୍ତୁତ କରାଯାଉଛି । ଏହି



ମାଗାଜିନ୍ ରେ ବିଭୂତି ମୁଣ୍ଡାଗାଡ଼ିଆଙ୍କ କାହାଣୀକୁ ସ୍ଥାନିତ କରାଯିବା ରାଜ୍ୟ ପାଇଁ ଗର୍ବର ବିଷୟ । ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ଭବିଷ୍ୟତରେ ଏକ ବଡ଼ ଅନ୍ତର୍ଜାତୀୟ ଖେଳାଳୀ ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି ବିଭୂତି ମୁଣ୍ଡାଗୁଡ଼ିଆ । ବାପା ମିସ୍ତ୍ରୀ କାମ କରୁଥିବା ବେଳେ ମାଆ କରନ୍ତି ଛତୁ ଚାଷ । ଆର୍ଥିକ ସ୍ଥିତି ଭଲ ନଥିବା ସତ୍ତ୍ୱେ ଭଲ ପାଠ ପଢ଼ି ଖେଳିକୁଦି ଭଲ ମଣିଷ ହେବା ବିଭୂତିଙ୍କ ଇଚ୍ଛା । ତାଙ୍କର ସେହି ଇଚ୍ଛାକୁ ପୂରଣ କରୁଛି କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ । ବର୍ତ୍ତମାନ ଏବେ ବିଭୂତି ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି । ପାଠ ପଢ଼ିବା ସହ ଖେଳ ପ୍ରତି ରୁଚି ରଖୁଥିବା ବିଭୂତି ଜିଲ୍ଲାସ୍ତରରେ ଓ ରାଜ୍ୟସ୍ତରରେ ଅନେକ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ ।

# ପୁରୁଣା ଫର୍ମାଟ୍‌କୁ ଫେରିଲା ଓଡ଼ିଶା ଦଲୀପ ଟ୍ରଫି

**ଭୁବନେଶ୍ୱର:** ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ପ୍ରମୁଖ ଜୋନାଲ୍ ପ୍ରଥମ ଶ୍ରେଣୀ ପ୍ରତିଯୋଗିତା ଦଲୀପ ଟ୍ରଫି ପୁଣି ଥରେ ତା'ର ପାରମ୍ପରିକ ଫର୍ମାଟ୍‌କୁ ଫେରୁଛି। ଅଗଷ୍ଟ ୨୮ ତାରିଖରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ପୁଣି ଥରେ ଜୋନ୍‌ଭିତ୍ତିକ ଖେଳାଯିବ। ଗତ ମାସରେ ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକରେ ଏହି ପରିବର୍ତ୍ତନ ପାଇଁ ଆସିଥିବା ସୁପାରିସ୍‌କୁ ମଞ୍ଜୁରି ମିଳିଛି। ଗତ ଋତୁରେ ଦେଶର ପ୍ରମୁଖ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ୪ଟି ଦଳରେ (ଏ,ବି,ସି,ଡି) ବିଭକ୍ତ କରାଯାଇ ଦଲୀପ ଟ୍ରଫି ଖେଳାଯାଉଥିଲା। ଏବେ ପୂର୍ବଭଳି ୬ଟି ଜୋନ୍-ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ର ଓ ଉତ୍ତର-ପୂର୍ବ ଦଳ ଭାବେ ଖେଳିବେ।

# ପାକିସ୍ତାନ ସହିତ ମ୍ୟାଚ ଖେଳିବ ନାହିଁ ଭାରତ



**ନୂଆଦିଲ୍ଲୀ:** ଭାରତ ଚମ୍ପିଆନ୍ସ ମଙ୍ଗଳବାର ୱେଷ୍ଟଇଣ୍ଡିଜକୁ ମାତ୍ର ୧୩.୨ ଓଭରରେ ହରାଇ ସେମିଫାଇନାଲକୁ ପହଞ୍ଚି ଯାଇଛି। କିନ୍ତୁ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବାକୁ ନେଇ ଭାରତ ପ୍ରଥମରୁ ଆପତ୍ତି କରିଥିଲା। ଏହାପୂର୍ବରୁ ବି ଗ୍ରୁପ ଷ୍ଟେଜର ଭାରତ ଓ ପାକିସ୍ତାନ ମ୍ୟାଚ ବାତିଲ କରି ଦିଆଯାଇଥିଲା। କାରଣ ଖେଳାଳି ଓ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ସ୍ପନସର ବିରୋଧ କରିଥିଲେ। 'ଡବ୍ଲୁସିଏଲ୍'ର ମୁଖ୍ୟ ସ୍ପନସରମାନଙ୍କ ମଧ୍ୟରୁ ଗୋଟିଏ 'ଇଜିମାଇଟ୍ରିପ୍' ଭାରତ-ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲ୍ ମ୍ୟାଚରୁ ନିଜର ନାମ ପ୍ରତ୍ୟାହାର କରି ନେଇଛି। ଅର୍ଥାତ କମ୍ପାନି ପାକିସ୍ତାନ ସହିତ ଜଡ଼ିତ କୌଣସି ମ୍ୟାଚରେ ଅଂଶ ହେବ ନାହିଁ । ସେହିପରି ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଶିଖର ଧାୱନ ମଧ୍ୟ କହିଛନ୍ତି ଯେ ସେମାନେ ପାକିସ୍ତାନ ବିପକ୍ଷରେ ଖେଳିବେ ନାହିଁ। 'ଇଜିମାଇଟ୍ରିପ୍' କମ୍ପାନିର ସହ-ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି 'ଏକ୍ସ' ପୋଷ୍ଟରେ ଲେଖିଛନ୍ତି, 'ଆମେ ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସରେ ଟିମ୍ ଇଣ୍ଡିଆ ଚାମ୍ପିଅନସର ପ୍ରଦର୍ଶନକୁ ପ୍ରଶଂସା କରୁଛୁ। ଆମେ ଭାରତର ଲୋକଙ୍କ ଭାବନାକୁ ସମ୍ମାନ କରି ପଛକୁ ହଟି ଯାଉଛି। ଆମ ମତରେ ଆତଙ୍କବାଦ ଏବଂ କ୍ରିକେଟ୍ ଏକାଠି ଚାଲିପାରେ ନାହିଁ ।

# ପୁରୀରେ 'ଓଡ଼ିଶା ରାଜ୍ୟ ରାଙ୍କିଂ ଟେବୁଲ୍ ଟେନିସ୍ ଟୁର୍ନାମେଣ୍ଟ-୨୦୨୫'ର ଉଦ୍‌ଯାପିତ






ପୁରୀ ଜିଲ୍ଲା ଟେବୁଲ ଟେନିସ୍ ଆସୋସିଏସନ୍ (ପିଡିଟିଟିଏ) ଦ୍ୱାରା ଆୟୋଜିତ 'ଓଡ଼ିଶା ରାଜ୍ୟ ରାଙ୍କିଂ ଟେବୁଲ୍ ଟେନିସ୍ ଟୁର୍ନାମେଣ୍ଟ-୨୦୨୫'ର ଉଦ୍‌ଯାପନୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ପ୍ରତିଯୋଗିତାରେ ବିଜେତା ଖେଳାଳିମାନଙ୍କୁ ସମ୍ମାନିତ କରିବା ଅବସରରେ ଏବଂ ଏହାସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା-୨୦୨୫ରେ କାଂସ୍ୟ ପଦକ ଜିଣିଥିବା ପୁରୁଷ ରିଲେ ଟିମର ସଦସ୍ୟ ଥିବା କ୍ରୀଡ଼ାବିତ୍ ଅନିମେଷ କୁଜୁର, ଲାଲୁପ୍ରସାଦ ଭୋଇ ଏବଂ ଡିଏମ୍ ଜୟରାମଙ୍କୁ କ୍ରୀଡ଼ା ବିଭାଗ ତରଫରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି।



ନୂଆଦିଲ୍ଲୀସ୍ଥିତ ଲୋକସେବା ଭବନ ପରିସରରେ ଆଇଆଇଏସ୍ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କ ସହିତ ଡିଜିଟାଲ୍ ଯୁଗରେ ସୂଚନା ପ୍ରସାରଣର ବିକଶିତ ପ୍ରକୃତି ବିଷୟରେ ଆଲୋଚନା କରିବା ଅବସରରେ ସାଂସଦ ଡ. ସମ୍ବିତ ପାତ୍ର ।



ପବିତ୍ର ଶ୍ରାବଣ ମାସ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ତାମିଲନାଡୁ ରାଜ୍ୟର ଗଙ୍ଗାଇକୋଣ୍ଡା ଚୋଲାପୁରମ୍ ଶିବ ମନ୍ଦିରରେ ପୂଜାର୍ଚ୍ଚନା ସହ ଜଳଲାଗି କରିଛନ୍ତି।

# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ: ଦେଶର ଗୌରବ ଆଣିଲେ କିଟ୍ ଖେଳାଳି



**ଭୁବନେଶ୍ୱର:** ଜର୍ମାନୀର ରାଇନ୍-ରୁରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତ ୨ ସ୍ୱର୍ଣ୍ଣ ଏବଂ ୫ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ମୋଟ ୧୨ ପଦକ ଜିତି ୨୦ତମ ସ୍ଥାନରେ ଅଭିଯାନ ଶେଷ କରିଛି। ଏହା ମଧ୍ୟରୁ କିଟ୍ ଖେଳାଳି ସର୍ବାଧିକ ପଦକ ୫ (୩ ରୌପ୍ୟ ଓ ୨ କାଂସ୍ୟ) ଜିତି ରାଜ୍ୟ ଓ ଦେଶର ଗୌରବ ବଢ଼ାଇଛନ୍ତି। ଏହି ୫ ଯାକ ପଦକ ଶେଷ ଦିନରେ କିଟ୍ ଖେଳାଳିମାନେ ହିଁ ଜିତିଥିଲେ। ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଅଙ୍କିତା, ୫୦୦୦ ମିଟରରେ ସୀମା ଏବଂ ପୁରୁଷ ଟ୍ରିପଲ୍ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ରେ ?ପ୍ୟ ପଦକ ଜିତିଥିଲେ। କାଂସ୍ୟ ଦ୍ୱୟ ପୁରୁଷ ୪ଗୁଣା ୧୦୦ ମିଟର ରିଲେ ଏବଂ ମହିଳା ୨୦ କିମି ରେସ୍ ୱାକ୍ ଟିମ୍ ଇଭେଣ୍ଟରୁ ଆସିଥିଲା। ରିଲେ ଦଳରେ କିଟ୍ ଛାତ୍ର ମଣିକାନ୍ତ ହୋବ୍ଲିଧର, ଅନିମେଷ କୁଜୁର, ଲାଲୁପ୍ରସାଦ ଭୋଇ ଓ ମୃତ୍ୟୁମ ଜୟରାମ ଦଣ୍ଡପତି ରହିଥିଲେ। ସେହିଭଳି ମହିଳା ୨୦ କିମି ରେସ୍ ୱାକ୍ ଦଳରେ ମଧ୍ୟ ସମସ୍ତ କିଟ୍ ଛାତ୍ରୀ ମୁନିତାପ ରାଜାପତି, ମାନସୀ ନେଗି, ସେଜାଲ ଅନିଲସିଂହ ରହିଥିଲେ। ଭାରତୀୟ ଖେଳାଳି ବ୍ୟାଡ୍‌ମିଣ୍ଟନ୍ ଓ ଟେନିସ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ଜିତିଥିଲେ। ଯାହା ଏହି ପ୍ରତିଯୋଗିତାରେ ଭାରତର ପ୍ରଥମ ପଦକ ହୋଇଥିଲା। ତୀରନ୍ଦାଜିରେ ସର୍ବାଧିକ ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ) ଏବଂ ଦୌଡ଼କୁଦରେ ୫ (୩ ରୌପ୍ୟ, ୨ କାଂସ୍ୟ) ପଦକ ଜିତିଛି ଭାରତ। ଏହି ପ୍ରତିଯୋଗିତାରେ ଭାରତରୁ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏବଂ ୧୦୦ରୁ ଊର୍ଦ୍ଧ୍ୱ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ।

**ଜିତିଲେ ସର୍ବାଧିକ ୫ ପଦକ**

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty